

## ଶିଖରଚଣ୍ଡୀରେ ଦ୍ୱିତୀୟ ପଥ ଉତ୍ସବ







# ଶୀତୁଆ ସକାଳେ ଝୁମିଲେ ସହରବାସୀ

**ଭୁବନେଶ୍ୱର,୭।୧(ସମିସ):** ଜମିଲା ୨୦୨୩-୨୪ର ଦ୍ୱିତୀୟ ପଥ ଉତ୍ସବ। ଶିବ ତାଣ୍ଡବ ନୃତ୍ୟରେ ରବିବାର ମଞ୍ଚର ଶୁଭାରମ୍ଭ କରିଥିଲେ ସାଂସ୍କୃତିକ ସଂଗଠନ ସିଜ୍‌ଲର୍ସ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ। ୨୦୨୪ ବର୍ଷର ପ୍ରଥମ ରବିବାର ଦିନ ଅନୁଷ୍ଠିତ ଏହି ପଥ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ପ୍ରଜ୍ଞା ହୋତା ଓ ସତ୍ୟଜିତ୍ ପ୍ରଧାନଙ୍କ ଦ୍ୱୈତ କଣ୍ଠସଙ୍ଗୀତ। ଏଥର ଫଗୁଣେ, ମୁଁ ପରଦେଶୀ ଚଢ଼େଇ... ତେରେ ବାସ୍ତେଁ...ରଜାଝିଅ... ମୋ ବେବି... ମନ ଉଡ଼ି ଉଡ଼ି ଯାଏରେ... ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଆରମ୍ଭ ହୋଇଥିଲା ଉଦ୍‌ଘାଟନୀ ଉତ୍ସବ ଏଥିରେ ବିଶେଷ ଅତିଥି ଭାବେ ବିଜ୍ଞାନ ଓ କାରିଗରୀ କୌଶଳ, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ, ସାଂସଦ ସୁଲତା ଦେଓ, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର୍ ସୁଲୋଚନା ଦାସ, ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ମତ୍ସ୍ୟ ନିଗମର ଅଧ୍ୟକ୍ଷ ସୁବାସ ପାତ୍ର, ଡେପୁଟି ମେୟର୍ ମଞ୍ଜୁଲତା କହଁର, କମିସନର ବିଜୟ ଅମୃତା କୁଲାଙ୍ଗେ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମିହିର କୁମାର ରାଉତ ଓ କର୍ପୋରେଟର୍ ପ୍ରୀତିନନ୍ଦା ରାଉତରାୟଙ୍କ ସମେତ ଅତିରିକ୍ତ କମିସନର୍ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ କମିସନର ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିସନର ଡ଼ଃ ମନୋରଞ୍ଜନ ସାହୁ, ଡେପୁଟି କମିସନର ପ୍ରିୟବ୍ରତ ପାଢ଼ୀଙ୍କ ସମେତ ଟିମ୍ ବିଏମ୍‌ସି ଉପସ୍ଥିତ ଥିଲେ। ପ୍ରଜ୍ଞା ଓ ସତ୍ୟଜିତ୍‌ଙ୍କ ଗୀତ ''ଲେ ଲେ ଲଚକା ମଣୀ' ''ଏକ୍‌ଡା ଏକ୍‌ଡା ରା', ''ରଙ୍ଗବତୀ' ଗୀତ ମତୁଆଲା କରିଦେଇଥିଲା ଉପସ୍ଥିତ ଦର୍ଶକମାନଙ୍କୁ। ନୃତ୍ୟଗୀତର ଆସର ଜମିଥିଲା। ଏହି ଦର୍ଶକଙ୍କ ମଧ୍ୟରେ କିସ୍‌ର ହଜାର ହଜାର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଶିଖରଚଣ୍ଡୀ ଛକରୁ ଇନ୍ଫୋସିଟି ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱର ଲୋକାରଣ୍ୟ ହୋଇପଡ଼ିଥିଲା। ମୁଖ୍ୟମଞ୍ଚ ନିକଟରେ ଦିନ ପ୍ରାୟ ସାଢ଼େ ୧୦ ପର୍ଯ୍ୟନ୍ତ ଲୋକମାନଙ୍କର ଭିଡ଼ ଲାଗି ରହିଥିବା ବେଳେ ଦ୍ୱିତୀୟ ମଞ୍ଚ ନିକଟରେ ପ୍ରାୟ ୧୧ଟା ପର୍ଯ୍ୟନ୍ତ ଲୋକମାନେ ଜମି ରହିଥିଲେ।

ମୁଖ୍ୟମଞ୍ଚ ସମ୍ମୁଖରେ ଝୋଟି, ଭୁବନେଶ୍ୱର ଗଡ ଟ୍ୟାଲେଣ୍ଟ, ଡଗ୍ ସୋ, ବିଏମ୍‌ସିର ପରିମଳ ସଚେତନତା ଓ ମୋ ଖତ, ପୁରାନି ୟାଦେ, ଗଜଲ, କିଡୋ କିଙ୍ଗଡମ, ଜୁମ୍ବା, ହେଲ୍‌ଥ କ୍ୟାମ୍ପ, ୱେଲନସ୍ କର୍ଣ୍ଣର, ସ୍ପୋର୍ଟସ, କ୍ରାଫ୍ଟ ଜୋନ୍, ନକଡ, ଓପନ ଜିମ୍, ରାଜସ୍ୱ କେନ୍ଦ୍ର, ସାଇନ୍ ଲାଙ୍ଗୁଏଜ୍, ଯୋଗ, ଷ୍ଟ୍ରିଟ ଡ୍ୟାନ୍ସ ଓ ମ୍ୟୁଜିକ୍, ଇଲେକ୍ସନ୍ ବୁଥ୍ ଇତ୍ୟାଦି ରହିଥିଲା। ତା ସାଙ୍ଗକୁ ବିଟ୍ ବକ୍ସିଂ, ଗୀଟାରିଷ୍ଟ, କମେଡି, ବାସ୍କେଟ ବଲ୍, ବ୍ୟାଡ ମିଣ୍ଟନ, ସ୍ଲାଇଡ୍, ସାପ-ସିଡି ଖେଳ, ଏକ ଚକିଆ ସାଇକଲ ଚାଳନା, ପେଣ୍ଟିଂ, ଡ୍ରଇଂ, କ୍ଲେ ମଡେଲିଂ ଇତ୍ୟାଦିର ମଜା ନେଇଥିଲେ ମହାନଗରବାସୀ। ହେଲ୍‌ପମେଟ୍ ପକ୍ଷରୁ ଅନୁଷ୍ଠିତ କୌତୁକିଆ ପୋଷାକ ପ୍ରତିଯୋଗିତାରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ଇନ୍ଫୋସିଟ୍ ଛକରେ ହୋଇଥିବା ଦ୍ୱିତୀୟ ମଞ୍ଚର ମାହୋଲ ପୂରା ସରଗରମ ଥିଲା। ଏଠାରେ ଦେଖଣାହାରୀଙ୍କ ପାଇଁ ଭିନ୍ନ ସ୍ୱାଦର ଆସର ଜମିଥିଲା। ଭୁବନେଶ୍ୱର ଗଟ୍ ଟ୍ୟାଲେଣ୍ଟ ମଞ୍ଚ ନିକଟରେ ବିଭିନ୍ନ ବିଦ୍ୟାଳୟ ଓ ନୃତ୍ୟ ବିଦ୍ୟାଳୟର ଛାତ୍ରଛାତ୍ରୀ ସେମାନଙ୍କର ନୃତ୍ୟ, ଗୀତ, କମେଡି, ଏକକ ଅଭିନୟ ଆଦି ଦର୍ଶକମାନଙ୍କୁ ଦୀର୍ଘ ୩ ଘଣ୍ଟା ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।

ତେବେ କର୍ମକ୍ଳାନ୍ତ ସହରୀ ଜୀବନକୁ ଟିକିଏ ହାଲକା କରିଦେବା ପାଇଁ ଶୀତୁଆ ସକାଳର ଏହି ପଥ ଉତ୍ସବ ମହାନଗର ନିଗମ ଅଞ୍ଚଳବାସୀଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମ ଜାରି ରଖିଛନ୍ତି ବୋଲି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଥିଲେ। ଚଳିତ ବର୍ଷର ଶେଷ ପଥ ଉତ୍ସବ ଆସନ୍ତା ୨୧ ତାରିଖ ଦିନ ଅନୁଷ୍ଠିତ ହେବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।









### ରଙ୍ଗବତୀରେ ଠୁମ୍‌କା ଲଗେଇଲେ ମେୟର୍

ଶିଖରଚଣ୍ଡୀ ନିକଟରେ ଆୟୋଜିତ ହୋଇଥିବା ଦ୍ୱିତୀୟ ପଥ ଉତ୍ସବରେ ସମ୍ବଲପୁରୀ ଲୋକ ନୃତ୍ୟ ରଙ୍ଗବତୀ ଗୀତରେ ଝୁମିଥିଲେ ଉପସ୍ଥିତ ଦର୍ଶକ। ଦର୍ଶକଙ୍କ ଉତ୍ସାହ ଦେଖି ନିଜକୁ ଅଟକାଇ ପାରି ନ ଥିଲେ ଭୁବନେଶ୍ୱର ମେୟର୍ ସୁଲୋଚନା ଦାସ। ରଙ୍ଗବତୀ ଗୀତର ତାଳେ ତାଳେ ଠୁମକା ଲଗାଇଥିଲେ ସୁଲୋଚନା। ତାଙ୍କ ନୃତ୍ୟ କୌଣସି ସମ୍ବଲପୁରୀ ନୃତ୍ୟଶିଳ୍ପୀଙ୍କ ଠାରୁ କମ୍ ନ ଥିଲା। ଅଳ୍ପ ସମୟ ପାଇଁ ହେଉପଛେ ମେୟରଙ୍କ ନୃତ୍ୟ ପଥ ଉତ୍ସବର ଆକର୍ଷଣ ପାଲଟିଥିଲା। ପଥମେ ମଞ୍ଚ ଉପରେ ପରେ ତଳକୁ ଓହ୍ଲାଇ ଆସି ମେୟର ରଙ୍ଗବତୀ ଗୀତରେ ଠୁମକା ଲଗାଇଥିଲେ। ଏହି ଉତ୍ସବ ପାଇଁ ଶିଖରଚଣ୍ଡୀ-ଇନ୍ଫୋସିସ୍ ରାସ୍ତାରେ ୧୨ ହଜାରରୁ ଅଧିକ ଦର୍ଶକଙ୍କ ସମାଗମ ହୋଇଥିଲା।



## ଚୋରି ସାମଗ୍ରୀ ଜବତ; ୨ ଗିରଫ

**ବାଲିଅନ୍ତା, ୭।୧ (ସମିସ):** ବାଲିଅନ୍ତା ଥାନା ପୁଲିସ ଆଜି ଲୁଟ ମାମଲାରେ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚଢ଼େଇଗୁଆଁ ଗ୍ରାମର ଅଜିତ ବେହେରା ଓରଫ ଅଜୁ ଏବଂ ଗୌରାଙ୍ଗ ଭୋଇ (୧୯) ଓରଫ ଗୌରା। ସ୍ଥାନୀୟ ନୂଆପାଟଣା ଗ୍ରାମର କାର୍ତ୍ତିକେଶ୍ୱର ପାତ୍ର ଫାଣ୍ଡିରେ ଅଭିଯୋଗ କରିଥିଲେ। ପୁଲିସ ସେମାନଙ୍କ ନିକଟରୁ ଏକ ସ୍କୁଟି, ୩ଟି ଗ୍ଲାସ ସିଲିଣ୍ଡର, ୩ଟି ପାଣିଉଠା ମଟର ପମ୍ପ, ଗୋଟିଏ ହାତ ଘଣ୍ଟା, ଗୋଟିଏ ମୋବାଇଲ ଫୋନ, ଗୋଟିଏ ହଳ ରୁପା ପାଉଁଜି, ଗୋଟିଏ ରୁପା ଚେନ ଏବଂ ୨,୫୦୦ ଟଙ୍କା ଜବତ କରିଛି। ଗତ ୪ ତାରିଖ ରାତିରେ ୨ ଜଣ ଲୁଟେରା କାର୍ତ୍ତିକେଶ୍ୱରଙ୍କ ଘରେ ପଶି ଲୁଟ କରିଥିଲେ। ପରିବାର ଲୋକ ଅଜିତକୁ କାବୁ କରି ଫାଣ୍ଡି ପୁଲିସ ଜିମା ଦେଇଥିଲେ। ପରେ ଗୌରାଙ୍ଗକୁ ଗିରଫ କରିଥିଲା ପୁଲିସ।

## ୧୩ରେ ଦୁବାଇରେ ଓଲିଉଡ ପୁରସ୍କାର ମହୋତ୍ସବ

**ଭୁବନେଶ୍ୱର, ୭।୧(ସମିସ):** ଦୁବାଇ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଓଲିଉଡ ପୁରସ୍କାର ମହୋତ୍ସବ ପାଇଁ ଏବେ ବ୍ୟାପକ ପ୍ରସ୍ତୁତି ଚାଲିଛି। ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ପ୍ରଥମଥର ପାଇଁ ଦେଶ ବାହାରେ ଆର୍ ଆର୍ ଇଭେଣ୍ଟସ୍ ଏଣ୍ଡ ସିନେ ପ୍ରଡକ୍ସନ ଏବଂ ୟୁଏଇ ଓଡ଼ିଶା ସମାଜର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ବିଶାଳ ଚଳଚ୍ଚିତ୍ର ସମାରୋହ ଆୟୋଜିତ ହେବାକୁ ଯାଉଛି। ଫାଇଭ ଷ୍ଟାର ଫିଲ୍ମ ଆୱାର୍ଡସ୍ ୨୦୨୪ ଦୁବାଇ ଭାବରେ ନାମିତ ଏହି ରଙ୍ଗାରଙ୍ଗ ଉତ୍ସବ ଦୁବାଇର ଓଉଦ ମେଠାସ୍ଥିତ ଶେଖ୍ ରସିଦ ପ୍ରେକ୍ଷାଳୟ ଠାରେ ଆସନ୍ତା ଜାନୁୟାରୀ ୧୩ ତାରିଖ ସନ୍ଧ୍ୟା ୫ଟାଠାରୁ ଆରମ୍ଭ ହେବ। ଏଥିରେ ସଂଯୁକ୍ତ ଆରବ ଏମିରେଟ୍‌ସର ମାନ୍ୟଗଣ୍ୟ ଓଡ଼ିଆ, ୧୫୦୦ରୁ ଅଧିକ ଚଳଚ୍ଚିତ୍ରପ୍ରେମୀ ଜନସାଧାରଣ ଏବଂ ଓଡ଼ିଆ ଚିତ୍ରତାରକା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଓଲିଉଡ୍‌ର ଏହି ମହାକୁମ୍ଭ ମେଳାରେ ଭାଗନେବା ପାଇଁ ଭୁବନେଶ୍ୱରରୁ ପ୍ରାୟ ୧୦୫ଜଣ ଚଳଚ୍ଚିତ୍ର, ନୃତ୍ୟ ଓ ସଙ୍ଗୀତ ଜଗତର ପ୍ରତିଷ୍ଠିତ କଳାକାରମାନେ ଦୁବାଇ ଅଭିମୁଖେ ବିମାନଯୋଗେ ଯାତ୍ରା କରିବେ। ଉତ୍ସବରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରବାଦ ପୁରୁଷ ଓ ସାଂସଦ ପ୍ରଶାନ୍ତ ନନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗ ଦେବେ। ଦୁବାଇସ୍ଥିତ ଭାରତୀୟ କନ୍‌ସଲ ଜେନେରାଲ ସତୀଶ ଶିବନ ଓ ଡାନ୍ୟୁବ ଗ୍ରୁପର ଅଧ୍ୟକ୍ଷ ରିଜୱାନ୍ ସାଜନ୍ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ରହିବେ। ବିଜେତା ମାନଙ୍କୁ ବାଛିବା ପାଇଁ ଗଠିତ ଚୟନ କମିଟିର ସଦସ୍ୟ ଭାବରେ ଡ଼ଃ ରଜନୀ ରଞ୍ଜନ ଓ ପ୍ରଶାନ୍ତ ପାଢ଼ୀ ଅଛନ୍ତି।

## ଗୁପ୍‌ଚୁପ୍ ପାଇଁ ୪ ଯୁବତୀଙ୍କ ତୁମୂଳକାଣ୍ଡ

**ଭୁବନେଶ୍ୱର,୭।୧୨(ସମିସ):** ଗୁପ୍‌ଚୁପ୍ ପାଇଁ ୪ ଜଣ ଯୁବତୀଙ୍କ ମଧ୍ୟରେ ତୁମୂଳକାଣ୍ଡ ଘଟିଛି। ସମାନ୍ୟ ଗୁପ୍‌ଚୁପ୍ କିଏ ଆଗ ଖାଇବ ତାହାକୁ ନେଇ ମାଡ଼ପିଟ୍ ହୋଇଛି। ଏପରିକି ପରସ୍ପର ଚୁଟି ଘୋଷାଡ଼ିବା ସହ ହାତକୁ କାମୁଡ଼ି ଦେଇଥିଲେ। ଏଭଳି ଘଟଣା କ୍ୟାପିଟାଲ ଥାନା ମାଷ୍ଟରକ୍ୟାଣ୍ଟିନ୍ ଛକ ନିକଟରେ ଦେଖିବାକୁ ମିଳିଛି। ଏଭଳି ଗଣ୍ଡଗୋଳ ଖବର ପାଇ ପିସିଆର ଭ୍ୟାନ୍ ସେଠାରେ ପହଞ୍ଚି ଯୁବତୀମାନଙ୍କୁ ଥାନାକୁ ନେଇଥିଲା। କାମୁଡ଼ାକାମୁଡ଼ିରେ ଆହତ ହୋଇଥିବା ୪ ଯୁବତୀଙ୍କୁ ମଧ୍ୟ ସେ ମେଡିକାଲ ନେଇଥିଲେ। ସୂଚନା ଅନୁସାରେ, ଶନିବାର ସନ୍ଧ୍ୟାରେ ମାଷ୍ଟରକ୍ୟାଣ୍ଟିନ୍ ଅଞ୍ଚଳରେ ୩ଜଣ ଯୁବତୀ ଗୁପ୍‌ଚୁପ୍ ଖାଇବାବେଳେ ଆଉ ଜଣେ ଯୁବତୀ ସେଠାରେ ହଠାତ୍ ପହଞ୍ଚିଥିଲେ। ଗୁପ୍‌ଚୁପ୍ ଆଗପଛ ଖାଇବାକୁ ନେଇ ହୋଇଥିଲା ଗଣ୍ଡଗୋଳ।

## ସଡ଼କ ସୁରକ୍ଷା ସଚେତନତା ଓ ସାଇକଲ ଶୋଭାଯାତ୍ରା

**ଭୁବନେଶ୍ୱର, ୭।୧ (ସମିସ):** ସଡ଼କ ସୁରକ୍ଷା ସପ୍ତାହ ଅବସରରେ ବରମୁଣ୍ଡା ବସଷ୍ଟାଣ୍ଡ ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବହନ କମିସନର୍ ଅମିତାଭ ଠାକୁର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ଦିଗରେ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବସ୍ ଚାଳକ ଓ ଜନସାଧାରଣଙ୍କୁ ସଡ଼କ ସୁରକ୍ଷାର ବାର୍ତ୍ତା ଦେଇ ସଚେତନତା କରିଥିଲେ। ଗାଡ଼ି ଚଳାଇବା ସମୟରେ ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ୧ର ଅଧିକାରୀ ବିକାଶ ଚୌଧୁରୀଙ୍କ ସମେତ ବସ୍ ମାଲିକ ସଙ୍ଘର କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

ସେହିଭଳି ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଶନିବାର ମାଷ୍ଟରକ୍ୟାଣ୍ଟିନ ଛକରୁ ଚନ୍ଦ୍ରଶେଖରପୁର ଡ୍ରାଇଭିଂ ଟେଷ୍ଟିଂ ପଡ଼ିଆ ପର୍ଯ୍ୟନ୍ତ ଏକ ସାଇକଲ ଶୋଭାଯାତ୍ରା ବାହାରିଥିଲା। ପରିବହନ ବିଭାଗ କମିଶନର ଅମିତାଭ ଠାକୁର, ଅଭିନେତା ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ପତାକା ଦେଖାଇ ଶୁଭରାମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ୧୭୦ଜଣ ଅଂଶଗ୍ରହଣ କରିଥିଲେ।




# ଏକାମ୍ର ୬ ପଞ୍ଚାୟତରୁ ସଂଗ୍ରହ ହେଲା ଗୁଆ, ଚାଉଳ



**ଭୁବନେଶ୍ୱର,୭।୧(ସମିସ):** ରବିବାର ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୬ ପଞ୍ଚାୟତରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଘରୁ ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଛି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଜିଲ୍ଲା ପରିଷଦ ସୁବାସ ସୁନ୍ଦରରାୟ ଅର୍ପଣ ସଂଗ୍ରହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଥମେ ବାସୁଆଘାଇ ପଞ୍ଚାୟତର କେଶୁରା ଠାରୁ ଆରମ୍ଭ ହୋଇ ଶିଶୁପାଳଗଡ଼, ଧଉଳି, ଲିଙ୍ଗିପୁର, ଇଟିପୁର, ନାଥପୁର, କୁକୁଡ଼ାଘାଇ ପାଟଣା, ଟିକରପଦା ପଞ୍ଚାୟତ, କଲ୍ୟାଣପୁରରୁ ଅର୍ପଣ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ବିକ୍ରମ ସେଠୀ, ରଶ୍ମି ରଞ୍ଜନ ଶ୍ରୀଚନ୍ଦନ, ରଞ୍ଜିତ ସୁବୁଦ୍ଧି, କ୍ଷୀରୋଦ ପ୍ରଧାନ, ଚନ୍ଦନ ମଲ୍ଲିକ୍, ପ୍ରକାଶ ସାହୁ, ରିଲ ଭଞ୍ଜ, ସରସ୍ୱତୀ ସେଠୀ, ବିନୋଦ ରାଉତରାୟ, ହେମନ୍ତ ପ୍ରଧାନ, କୃତାର୍ଥ ପ୍ରଧାନ, ସୂର୍ଯ୍ୟ ରଞ୍ଜନ ଜେନା, ଦିଲ୍ଲୀପ ଦାସ ପ୍ରମୁଖ ସହଯୋଗ କରିଥିଲେ।

### ଉତ୍ତର ନିର୍ବାଚନମଣ୍ଡଳୀରୁ ଅର୍ପଣ ସଂଗ୍ରହ



**ଭୁବନେଶ୍ୱର,୭।୧(ସମିସ):** ଆସନ୍ତା ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ କରିବେ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଇଞ୍ଜଣା ଗ୍ରାମ ପଞ୍ଚାୟତରୁ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ କରାଯାଇ ପ୍ରତି ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଛି। ରଥ ସହିତ ସଂକୀର୍ତ୍ତନ ମଣ୍ଡଳୀରେ ଲୋକେ ବେଶ୍ ଉତ୍ସାହର ସହ ଘରୁ ଘରୁ ଅର୍ପଣ ସଂଗ୍ରହ କରିଥିଲେ। ଘଣ୍ଟ, ଘଣ୍ଟା, ମୃଦଙ୍ଗ ତାଳେ ତାଳେ ଜୟ ଜଗନ୍ନାଥ, ହରିବୋଲ, ହୁଳହୁଳିରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡିର ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷକ ଶ୍ରୀମୟୀ ମିଶ୍ର, ମତ୍ସ୍ୟ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପାତ୍ର, ଜିଲ୍ଲା ପରିଷଦ ବବିତା ରାଉତ, ସରପଞ୍ଚ ହେମନ୍ତ ପରିଡ଼ା, ଦେବରାଜ ଭୋଇ, ସମିତି ସଭ୍ୟା ମମିତା ଦାସ, ଭୁବନ ମୋହନ ଦାସ, ଶ୍ରୀଧର ବରାଳ, ସନ୍ତୋଷ ନାଥ, ଯୋଗଶେ ତ୍ରିପାଠୀ, ନିର୍ମଳ ରାଉତ, ଶ୍ରୀଧର ବେହେରା, ପ୍ରଦୀପ ଦାସ, ସୂର୍ଯ୍ୟକାନ୍ତି ଜେନା, ନୃସିଂହ ଖାଡ଼ଙ୍ଗା, ଅର୍ନ୍ତର୍ଯ୍ୟାମୀ କୁଅଁର, ସୁବାସ ସାହୁ, ବ୍ଲକ୍ ଉନ୍ନୟନ ଅଧିକାରୀ ସାଗର କୁମାର ପଲାଙ୍କ ସମେତ ବହୁ ଜନସାଧାରଣ ସାମିଲ ହୋଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୨୫ ● ପାଉଣ୍ଡ ୧୦୫.୯୧
- ୟୁରୋ ୯୧.୧୮ ● ୟେନ୍ ୦.୫୭

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୮,୬୫୦ (ନୂଆଦିଲ୍ଲୀ)
- ରୁପା : ୭୬,୬୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୦୨୬.୦୦
- ନିଫ୍ଟି ୨୧,୭୧୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



# ଟିପିସିଓଡିଏଲ୍‌କୁ ଆଇସିଏସ୍‌ଆଇ ସିଏସ୍‌ଆର୍ ଏକ୍ସଲେନ୍ସ ଆୱାର୍ଡ




**ଭୁବନେଶ୍ୱର, ୭।୧(ସମିସ):** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍)କୁ ଆଇସିଏସ୍‌ଆଇ ସିଏସ୍‌ଆର୍ ଏକ୍ସଲେନ୍ସ ଆୱାର୍ଡସର ଅଷ୍ଟମ ସଂସ୍କରଣ ସମାରୋହରେ 'ଶ୍ରେଷ୍ଠ କର୍ପୋରେଟ୍-କ୍ଷୁଦ୍ର ଓ ଉଦୀୟମାନ ବର୍ଗ-୨୦୨୩' ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ଟିପିସିଓଡିଏଲ୍‌କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। କମ୍ପାନୀ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ (ଆଇସିଏସ୍ଇ) ପକ୍ଷରୁ ସିଏସ୍‌ଆର୍ କ୍ଷେତ୍ର ପ୍ରତି ଉଲ୍ଲେଖନୀୟ ଯୋଗଦାନ ପାଇଁ ଟିପିସିଓଡିଏଲ୍‌କୁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଆଇସିଏସ୍‌ଆଇର ମାନ୍ୟତାପ୍ରାପ୍ତ (ସାର୍ଟିଫାଏଡ୍) ଅଡିଟରମାନଙ୍କ ଦ୍ୱାରା କ୍ଷେତ୍ର ଅନୁଧ୍ୟାନ କରାଯିବା ପରେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ମାନ୍ୟବର ଜଷ୍ଟିସ୍ ତିରଥ ସିଂହ ଠାକୁରଙ୍କ ନେତୃତ୍ୱାଧୀନ ବିଚାରକ ମଣ୍ଡଳୀ ତାହାକୁ ମାନ୍ୟତା ପ୍ରଦାନ କରିଥିଲେ। ଏହି ଭବ୍ୟ ପୁରସ୍କାର ସମାରୋହରେ ଲୋକସଭାର ମାନ୍ୟବର ବାଚସ୍ପତି ଓମ୍ ବିର୍ଲା ଟିପିସିଓଡିଏଲ୍‌ର ଟିମ୍‌କୁ ପୁରସ୍କୃତ କରିଥିଲେ। ଏହି ସଫଳତାରେ ଖୁସି ଜାହିର କରି ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି ଯେ, 'ଶ୍ରେଷ୍ଠ କର୍ପୋରେଟ୍-କ୍ଷୁଦ୍ର ଓ ମଧ୍ୟମ ବର୍ଗ-୨୦୨୩' ପୁରସ୍କାର ହେଉଛି ସମଗ୍ର ଟିପିସିଓଡିଏଲ୍ ଟିମ୍‌ର ସମର୍ପଣ ଓ କଠିନ ପରିଶ୍ରମର ପ୍ରମାଣ। କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଲାଗି ଆମକୁ ମାନ୍ୟତା ପ୍ରଦାନ କରାଯାଇଥିବାରୁ ଆମେ ଗର୍ବିତ ଏବଂ ସମାଜରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ପାଇଁ ଆମ ଉଦ୍ୟମକୁ ଜାରି ରଖିବାରେ ଏହା ଆମକୁ ଅନୁପ୍ରାଣିତ କରିବ।

**ଚୀନ୍ ନୁହେଁ କି ପାକିସ୍ତାନ**

# ମହଙ୍ଗା ବଜାର ଭାରତର ବଡ଼ ଶତ୍ରୁ

## ଇଣ୍ଡିଆ ରେଟିଂସ ରିପୋର୍ଟ

**ନୂଆଦିଲ୍ଲୀ,୭।୧(ଏଜେନ୍ସି)**

କୌଣସି ଦେଶର ଅର୍ଥନୀତି ଆଗରେ ଅନେକ ଶତ୍ରୁ ରହିଥାନ୍ତି। ହେଲେ ଏଥିରେ ଏମିତି ଗୋଟିଏ ଶତ୍ରୁ ରହିଥାଏ ଯାହା କେବଳ ସାଧାରଣ ଲୋକଙ୍କୁ ଅସୁବିଧାରେ ପକାଇଥାଏ ତା' ନୁହେଁ ବରଂ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏହା ବାଧା ସୃଷ୍ଟି କରିଥାଏ। ଯେତେବେଳେ ଭାରତର ଶତ୍ରୁମାନଙ୍କ ନାମ ନିଆଯାଇଥାଏ ସେତେବେଳେ ପାକିସ୍ତାନର ନାମ ଶୀର୍ଷରେ ଆସିଥାଏ। ଏହାପରେ ଚୀନ୍ ମଧ୍ୟ ଭାରତର ଶତ୍ରୁମାନଙ୍କ ମଧ୍ୟରେ ଗଣାଯାଇଥାଏ। ଏହାପରେ ଯଦି ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖାଯାଏ, ତେବେ ପାକିସ୍ତାନ କିମ୍ବା ଚୀନ୍ ଭାରତର ସବୁଠାରୁ ବଡ ଶତ୍ରୁ ନୁହଁନ୍ତି। ଭାରତର ଅର୍ଥନୀତିର ସବୁଠାରୁ ବଡ ଶତ୍ରୁ ହେଉଛି ମହଙ୍ଗା ବଜାର ବା ମୁଦ୍ରାସ୍ଫୀତି ବୋଲି ଇଣ୍ଡିଆ ରେଟିଂସ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଥିଲା।

ଦେଶରେ ମୁଦ୍ରାସ୍ଫୀତିକୁ ନେଇ ସରକାର ବହୁତ ଚିନ୍ତିତ। ଏହାକୁ ହ୍ରାସ କରିବା ପାଇଁ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସ୍ୱଳ୍ପ ଉପଯୋଗିତା ହାରରେ ଅଭିବୃଦ୍ଧି ଏବେ ଭାରତୀୟ ଅର୍ଥନୀତି ଆଗରେ ବଡ଼ ପ୍ରତିବନ୍ଧକ ବୋଲି ଇଣ୍ଡିଆ ରେଟିଂ ଏବଂ ରିସର୍ଚ୍ଚର ମୁଖ୍ୟ ଅର୍ଥନୀତିଜ୍ଞ ଦେବେନ୍ଦ୍ର କୁମାର ପନ୍ତ କହିଛନ୍ତି। ତାଙ୍କ କହିବାନୁଯାୟୀ, ଭାରତରେ ମୁଦ୍ରାସ୍ଫୀତି ଯାହା ନିମ୍ନ ଆୟ ବର୍ଗ ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି। ଯଦିଓ ଦେଶର ଅର୍ଥନୀତି ସ୍ୱାବିକଠାରୁ କମ୍ ମୌସୁମୀ ବର୍ଷା ଏବଂ ତୈଳ ମୂଲ୍ୟ ବୃଦ୍ଧି ଭଳି ଦୋହରା ଝଟ୍‌କାର ମୁକାବିଲା କରିବାର କ୍ଷମତା ରଖିଛି, ତଥାପି ମୁଦ୍ରାସ୍ଫୀତିରେ ହ୍ରାସ ଘଟିବା ଏବେ ଭାରତ ସରକାରଙ୍କ ଆଗରେ ବଡ଼ ଆହ୍ୱାନ। ମୁଦ୍ରାସ୍ଫୀତି କମିଲେ ଖର୍ଚ୍ଚ କରିବାକୁ ଲୋକଙ୍କ ହାତକୁ ଅଧିକ ଅର୍ଥ ଆସିବ।






ସେ କହିଛନ୍ତି ଯେ ମୁଦ୍ରାସ୍ଫୀତିରେ ଏକ ପ୍ରତିଶତ ହ୍ରାସ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ୦.୬୪ ପ୍ରତିଶତ ବୃଦ୍ଧି ଘଟାଇବ। ଯଦି ମୁଦ୍ରାସ୍ଫୀତିରେ ୧ ପ୍ରତିଶତ ହ୍ରାସ କରାଯାଇପାରେ, ତେବେ ଏହା ସମସ୍ତଙ୍କ ପାଇଁ ଏକ ବିଜୟରପରିସ୍ଥିତି ହେବ। ଗ୍ଲୋବାଲ୍ ରେଟିଂ ଏଜେନ୍ସି ଫିଚ୍ ରେଟିଂସର ଏକ ସହାୟକ କମ୍ପାନୀ ଇଣ୍ଡ-ରାଙ୍କର ଆକଳନ ଅନୁଯାୟୀ, ଚଳିତ ଆର୍ଥିକବର୍ଷରେ ପିଇସିଇ ବାର୍ଷିକ ୫.୨ ପ୍ରତିଶତ ହାରରେ ବୃଦ୍ଧି ପାଇବ, କିନ୍ତୁ ଗତ ଆର୍ଥିକ ବର୍ଷରେ ଏହି ଅଭିବୃଦ୍ଧି ୭.୫ ପ୍ରତିଶତ ରହିଥିଲା। ପନ୍ତ କହିଛନ୍ତି ଯେ ଅର୍ଥନୈତିକ ଅଭିବୃଦ୍ଧି ବ୍ୟୟ ଦ୍ୱାରା ପରିଚାଳିତ ହେଉଛି। ବର୍ଷକୁ ବର୍ଷ କ୍ରମାଗତ ଭାବରେ ଉଚ୍ଚ ସ୍ତରର ଖର୍ଚ୍ଚ ଆର୍ଥିକ ନିଅଣ୍ଟ ଏବଂ ଋଣ ବିପଦ ସୃଷ୍ଟି କରିଛି, ଯାହା ସୁଧ ହାରକୁ ଅଧିକ ରଖିବ। ଯଦି ବେସରକାରୀ କମ୍ପାନୀଗୁଡିକ ପୁଞ୍ଜି ବିନିଯୋଗ ଆରମ୍ଭ ନ କରନ୍ତି ଏବଂ ସରକାର କିଛି ନିବେଶକୁ ପ୍ରତ୍ୟାହାର ନ କରନ୍ତି, ତେବେ ଅର୍ଥନୀତି ସ୍ଥିର ଅଭିବୃଦ୍ଧି ଦେଖିବ ନାହିଁ। ୨୦୨୨-୨୩ ଆର୍ଥିକବର୍ଷରେ ଭାରତୀୟ ଅର୍ଥନୀତି 7.2 ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରିଛି। ଚଳିତ ଆର୍ଥିକବର୍ଷରେ ଅଭିବୃଦ୍ଧି ହାର ୭.୩ ପ୍ରତିଶତ ରହିବ ବୋଲି ସରକାର ଆକଳନ କରିଛନ୍ତି।

- ମୁଦ୍ରାସ୍ଫୀତି ତଳକୁ ଖସାଇବା ଏବେ ବଡ଼ ଆହ୍ୱାନ
- ଉଚ୍ଚ ଦରଦାମ୍‌ରେ ନିମ୍ନ ଆୟ ବର୍ଗ ପ୍ରଭାବିତ
- ବଜାର ମହଙ୍ଗାରେ ଲୋକଙ୍କ ହାତ ଖାଲି
- ସ୍ୱଳ୍ପ ଉପଯୋଗିତା ହାର ଅର୍ଥନୀତି ଆଗରେ ବଡ଼ ପ୍ରତିବନ୍ଧକ

ରିପୋର୍ଟ ଅନୁଯାୟୀ, ଆୟ ଗୋଷ୍ଠୀ ଦୃଷ୍ଟିରୁ ଭାରତରେ ଦୁଇ ପ୍ରକାରର ଲୋକ ଅଛନ୍ତି। ଗୋଟିଏ ଉଚ୍ଚ ଆୟ ବର୍ଗର ଲୋକ ଏବଂ ଅନ୍ୟଟି ସ୍ୱଳ୍ପ ଆୟ ବର୍ଗର ଲୋକ। ପିରାମିଡ୍‌ର ନିମ୍ନ ସ୍ତରରେ ଥିବା ଲୋକଙ୍କ ବେତନ ସଂଗଠିତ କ୍ଷେତ୍ରର କିମ୍ବା ଉପର ସ୍ତରର ଲୋକଙ୍କ ତୁଳନାରେ ସମାନ ବେଗରେ ବୃଦ୍ଧି ପାଉନାହିଁ। ଭାରତରେ ନିମ୍ନ ସ୍ତରରେ ରହିଥିବା ୫୦ ପ୍ରତିଶତ ଲୋକଙ୍କୁ ଶୀର୍ଷ ୫୦ ପ୍ରତିଶତ ଲୋକଙ୍କ ତୁଳନାରେ ଅଧିକ ମୁଦ୍ରାସ୍ଫୀତି ଜନିତ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ। ମୁଖ୍ୟତଃ ନିମ୍ନ ସ୍ତର ଦ୍ୱାରା ଖର୍ଚ୍ଚ ହେଉଥିବା ଦ୍ରବ୍ୟ ଏବଂ ସେବାଗୁଡ଼ିକର ମୂଲ୍ୟ ଉପର ସ୍ତର ଦ୍ୱାରା କରାଯାଉଥିବା ଖର୍ଚ୍ଚ ତୁଳନାରେ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ମୁଖ୍ୟତଃ ଖାଦ୍ୟ ମୂଲ୍ୟରେ ବୃଦ୍ଧି ହେତୁ ଖୁଚୁରା ମୁଦ୍ରାସ୍ଫୀତି ନଭେମ୍ବର ମାସରେ ତିନି ମାସର ୫.୫୫ ପ୍ରତିଶତରେ ପହଞ୍ଚିଛି।

# ଟିଭି ଦେଖା ମହଙ୍ଗା: ବଢ଼ିଲା ଚ୍ୟାନେଲ ଦର

**ନୂଆଦିଲ୍ଲୀ,୭।୧(ଏଜେନ୍ସି)**



ଟେଲିଭିଜନ୍ ଦର୍ଶକଙ୍କ ଲାଗି ଖରାପ ଖବର। କାରଣ ନୂଆବର୍ଷଠାରୁ ଟିଭି ଦେଖିବା ପାଇଁ ଆପଣଙ୍କୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିପାରେ। ଏଣିକି ଆପଣଙ୍କୁ ମନପସନ୍ଦର ଧାରାବାହିକ ସହ ରିୟାଲିଟି ଶୋ' ଦେଖିବାକୁ ଅଧିକ ଟଙ୍କା ରିଚାର୍ଜ କରିବାକୁ ପଡିବ। ଦେଶର ପ୍ରମୁଖ ଟେଲିଭିଜନ୍ ଚ୍ୟାନେଲ ପ୍ରସାରଣକାରୀମାନେ ସେମାନଙ୍କର ଚ୍ୟାନେଲର ମୂଲ୍ୟ ବଢ଼ାଇ ଦେଇଛନ୍ତି। ଜୀ ଏଣ୍ଟରଟେନମେଣ୍ଟ, ଭାୟାକମ୍ ୧୮ ଏବଂ ସୋନୀ ପିକ୍ଚର୍ସ ନେଟୱାର୍କ ଇଣ୍ଡିଆ ଭଳି ଦେଶର ପ୍ରମୁଖ ପ୍ରସାରଣକାରୀମାନେ ହଠାତ୍ ସେମାନଙ୍କ ଟିଭି ଚ୍ୟାନେଲଗୁଡ଼ିକର ମୂଲ୍ୟ ବୃଦ୍ଧି କରି ଦର୍ଶକଙ୍କୁ ବଡ଼ ଝଟ୍‌କା ଦେଇଛନ୍ତି।

ଏହି ଘୋଷଣା ପରେ, ବର୍ତ୍ତମାନ ଗ୍ରାହକମାନଙ୍କୁ ସେମାନଙ୍କର ପ୍ରିୟ ଚ୍ୟାନେଲ ଦେଖିବା ପାଇଁ ଅଧିକ ଦେୟ ଦେବାକୁ ପଡିବ। ଭାୟାକମ୍ ୧୮ ଏବଂ ନେଟୱାର୍କ ୧୮ ଏହାର ଚ୍ୟାନେଲଗୁଡିକର ମୂଲ୍ୟରେ ୨୦ରୁ ୨୫ପ୍ରତିଶତ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି । ଯେତେବେଳେ କି ଜୀ ଏଣ୍ଟରଟେନମେଣ୍ଟ ଏହାର ଚ୍ୟାନେଲଗୁଡିକର ମୂଲ୍ୟରେ ୯ରୁ ୧୦ପ୍ରତିଶତକୁ ବୃଦ୍ଧି ଘଟାଇଛି। ସୋନି ଚ୍ୟାନେଲ ମଧ୍ୟ ଚ୍ୟାନେଲ ମୂଲ୍ୟରେ୧୦ରୁ ୧୧ ପ୍ରତିଶତ ବୃଦ୍ଧି କରିଛି। ଯଦିଓ ଡିଜ୍‌ନୀ ଷ୍ଟାର ଚ୍ୟାନେଲ ମୂଲ୍ୟରେ ବୃଦ୍ଧି ଘଟାଇପାରେ, କିନ୍ତୁ କମ୍ପାନୀ ଏ ବିଷୟରେ କୌଣସି ସୂଚନା ଦେଇନାହିଁ। ପ୍ରସାରଣକାରୀମାନେ ଏହା ସ୍ପଷ୍ଟ କରିଛନ୍ତି ଯେ ଏହି ବର୍ଦ୍ଧିତ ମୂଲ୍ୟ ଆସନ୍ତା ଫେବ୍ରୁଆରି ପହିଲାରୁ କାର୍ଯ୍ୟକାରୀ ହେବ। ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ)ର ନିୟମ ଅନୁଯାୟୀ, ପ୍ରସାରଣକାରୀମାନେ ଘୋଷଣା କରିବାର ୩୦ଦିନ ପରେ ହିଁ ନୂତନ ମୂଲ୍ୟ ଲାଗୁ କରିପାରିବେ।

**ବୁକେ ମୂଲ୍ୟ ବଢ଼ାଇଲେ ଜୀ ଏଣ୍ଟରଟେନମେଣ୍ଟ, ଭାୟାକମ୍ ୧୮, ସୋନୀ ପିକ୍ଚର୍ସ**

# ଫେବୃଆରୀ ପହିଲାରେ ଅନ୍ତରୀଣ ବଜେଟ

**ନୂଆଦିଲ୍ଲୀ,୭।୧(ଏଜେନ୍ସି):** ଆଉ କିଛି ମାସ ପରେ ଦେଶରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେବ। ତା' ପୂର୍ବରୁ ଆସନ୍ତା ଫେବୃଆରୀ ପହିଲାରେ କେନ୍ଦ୍ରରେ କ୍ଷମତାସୀନ ନରେନ୍ଦ୍ର ମୋଦୀ ସରକାର ସଂସଦରେ ଅନ୍ତରୀଣ ବଜେଟ ଆଗତ କରିବେ। ନିର୍ବାଚନ ପରେ ନୂଆ ସରକାର ଆସିବା ପରେ ପୁଣି ଥରେ ସାଧାରଣ ବଜେଟ ଆଗତ କରାଯିବ। ତେଣୁ ଚଳିତବର୍ଷ ଦୁଇଥର ବଜେଟ ଉପସ୍ଥାପନ କରାଯିବ। ଏହା ପୂର୍ବରୁ ଗତ ୨୦୧୯ରେ ମଧ୍ୟ ସାଧାରଣ ନିର୍ବାଚନ ପୂର୍ବରୁ ଅନ୍ତରୀଣ ବଜେଟ ଆଗତ କରାଯାଇଥିଲା। ସେତେବେଳେ ୨୦୧୯ରେ ପୀୟୂଷ ଗୋୟଲ ଅର୍ଥମନ୍ତ୍ରୀ ଭାବେ ଅନ୍ତରୀଣ ବଜେଟ ଆଗତ କରିଥିଲେ। ସେହି ବଜେଟରେ 'ପିଏମ୍ କିସାନ ସମ୍ମାନ ନିଧି' ଯୋଜନା ବାବଦରେ ଘୋଷଣା କରାଯାଇଥିଲା ଏହି ବଜେଟ ସମ୍ପୂର୍ଣ୍ଣ ବର୍ଷ ନୁହେଁ, କିଛି ମାସ ପାଇଁ ଆଗତ କରାଯାଇଥିଲା। ଚଳିତବର୍ଷ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତା ଫେବୃଆରୀ ପହିଲାର ଅନ୍ତରୀଣ ବଜେଟ ଆଗତ କରିବେ।




**ଡିପ୍ରେସନ୍‌ର ଶିକାର ଏଲନ୍ ମସ୍କ**

# ସ୍ପେସ୍ ଏକ୍ସ କାର୍ଯ୍ୟକ୍ରମରେ ନେଇଛନ୍ତି କୋକେନ୍



**ନୂଆଦିଲ୍ଲୀ,୭।୧(ଏଜେନ୍ସି):** ଡିପ୍ରେସନ୍ ବା ଅବସାଦର ଶିକାର ହୋଇଛନ୍ତି ବିଶ୍ୱର ସବୁଠୁ ଧନୀବ୍ୟକ୍ତି ଏଲନ୍ ମସ୍କ। ଏଥିପାଇଁ ଔଷଧ ମଧ୍ୟ ସେବନ କରୁଛନ୍ତି। ସ୍ପେସ୍ ଏକ୍ସର ଏକ କାର୍ଯ୍ୟକ୍ରମରେ ମସ୍କ ଏଲ୍‌ଏସ୍‌ଡି କିମ୍ବା କୋକେନ୍ ନେଇଥିଲେ। ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲର ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ସେଥିରେ ଏହା ମଧ୍ୟ କୁହାଯାଇଛି ଯେ ଏହି କାର୍ଯ୍ୟକ୍ରମରେ ମସ୍କ ତାଙ୍କ ଭାଷଣରେ ଅଭଦ୍ର ଭାଷା ବ୍ୟବହାର କରିଥିଲେ। ଗତ ବର୍ଷ ,କ ଖବର ଆସିଥିଲା ଯେ ମସ୍କ ଡିପ୍ରେସନ୍ ମସସ୍ୟାର ଚିକିତ୍ସା ପାଇଁ କେଟାମାଇନ୍ ଭଳି ସାଇକେଡେଲିକ୍ ଔଷଧ ବ୍ୟବହାର କରିଥିଲେ। ରିପୋର୍ଟ ଅନୁଯାୟୀ, ଗତ କିଛି ଦିନ ମଧ୍ୟରେ ଟେସଲା ଏବଂ ସ୍ପେସ୍ ଏକ୍ସର ଅନେକ ବୋର୍ଡ ସଦସ୍ୟ ମସ୍କଙ୍କ ଡ୍ରଗ୍ସ ବ୍ୟବହାରକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ ଯେ ସେମାନଙ୍କ ବ୍ୟବହାର ମସ୍କଙ୍କ ସ୍ୱାସ୍ଥ୍ୟ ଏବଂ ତାଙ୍କ ବ୍ୟବସାୟ ସାମ୍ରାଜ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ଦୁନିଆର ସବୁଠାରୁ ଧନୀ ବ୍ୟକ୍ତି ଯେଉଁମାନେ ମସ୍କଙ୍କୁ ଦେଖିଛନ୍ତି ଏବଂ ଯେଉଁମାନେ ତାଙ୍କ ଡ୍ରଗ୍ ବ୍ୟବହାର ବିଷୟରେ ଜାଣିଛନ୍ତି ସେମାନଙ୍କ କହିବାନୁଯାୟୀ, ମସ୍କ ପ୍ରାୟତଃ ଘରୋଇ ପାର୍ଟିଗୁଡିକରେ କୋକେନ୍ ସେବନ କରିଥାନ୍ତି। ପୂର୍ବରୁ ସର୍ବସାଧାରଣ ସ୍ଥାନରେ ମସ୍କ ଗଞ୍ଜେଇ ବ୍ୟବହାର କରିଥିବା ନେଇ ଅଭିଯୋଗ ଆସିଥିଲା। ରିପୋର୍ଟ ଅନୁଯାୟୀ, କିଛି ସ୍ପେସ୍ ଏକ୍ସ ଅଧିକାରୀ ୨୦୧୭ରେ ଏକ କମ୍ପାନୀ କାର୍ଯ୍ୟକ୍ରମରେ ମସ୍କଙ୍କ ମଧ୍ୟରେ କିଛି ପରିବର୍ତ୍ତନ ଲକ୍ଷ୍ୟ କରିଥିଲେ। ବାସ୍ତବରେ, ଶତାଧିକ କର୍ମଚାରୀ କାଲିଫର୍ନିଆର ରକେଟ୍ କମ୍ପାନୀର ମୁଖ୍ୟାଳୟରେ ମିଶନ୍ କଣ୍ଟ୍ରୋଲ୍ ନିକଟରେ ଏକତ୍ରିତ ହୋଇଥିଲେ। ପ୍ରାୟ ଏକ ଘଣ୍ଟା ବିଳମ୍ବରେ ସେଠାରେ ପହଞ୍ଚିଥିବା ମସ୍କଙ୍କୁ ସେମାନେ ସେଠାରେ ଅପେକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ କହିଥିଲେ ଯେ ଯେତେବେଳେ ମସ୍କ ମଞ୍ଚ ଉପରେ ଠିଆ ହୋଇଥିଲେ ସେତେବେଳେ ସେ ସଚେତନ ନ ଥିଲେ। ସେ ସ୍ପେସ୍‌ଏକ୍ସର ବିଗ୍ ଫାଲକନ୍ ରକେଟ୍ ପ୍ରୋଟୋଟାଇପ୍ କିମ୍ବା ବିଏଫ୍‌ଆର୍‌କୁ 'ବିଗ୍ ଏଫ୍' କହି ପ୍ରାୟ ୧୫ ମିନିଟ୍ ପର୍ଯ୍ୟନ୍ତ ଗାଳି କରିଥିଲେ।

**ମାର୍ଚ୍ଚ ପହିଲାରୁ ଜିଏସ୍‌ଟି ନିୟମରେ ବଡ଼ ପରିବର୍ତ୍ତନ**

# ୫ କୋଟିରୁ ଅଧିକ କାରବାର ପାଇଁ ଇ-ୱେ ବିଲ୍ ଜରୁରୀ

**ନୂଆଦିଲ୍ଲୀ,୭।୧(ଏଜେନ୍ସି)**

ଆସନ୍ତା ମାର୍ଚ୍ଚ ପହିଲାରୁ କେନ୍ଦ୍ର ସରକାର ଦ୍ରବ୍ୟ ଏବଂ ସେବା ଟିକସ(ଜିଏସ୍‌ଟି) ନିୟମରେ ବଡ଼ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ନୂଆ ନିୟମାନୁଯାୟୀଳ ବର୍ତ୍ତମାନ ୫ କୋଟି ଟଙ୍କାରୁ ଅଧକ ମୂଲ୍ୟର କାରବାର ବ୍ୟବସାୟୀମାନେ ଇ-ଚାଲାଣ ବିନା ଇ-ୱେ ବିଲ୍ ସୃଷ୍ଟି କରିପାରିବେନାହିଁ। ଦ୍ରବ୍ୟ ଏବଂ ସେବା କର ନିୟମ ଅନୁଯାୟୀ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ୫୦ ହଜାର ଟଙ୍କାରୁ ଅଧିକ ମୂଲ୍ୟର ଦ୍ରବ୍ୟ କାରବାର ନିମନ୍ତେ ଇ-ୱେ ବିଲ ଆବଶ୍ୟକ ହୋଇଥାଏ। ନିକଟରେ ନ୍ୟାସନାଲ ଇନଫର୍ମେଟିକ୍ସ ସେଣ୍ଟର (ଏନ୍‌ଆଇସି) ଏକ ଯାଞ୍ଚରୁ ଜାଣିବାକୁ ପାଇଛି ଯେ ଏମିତି ଅନେକ ଟିକସଦାତା ଅଛନ୍ତି ଯେଉଁମାନେ ବିଜନେସ୍ ଟୁ ବିଜନେସ୍ ଏବଂ ବିଜନେସ୍ ଟୁ ଏକ୍ସପୋର୍ଟ କାରବାର ପାଇଁ ଇ-ଚାଲାଣ ବିନା ଇ-ୱେ ବିଲ୍ ଜେନେରେଟ୍ କରୁଛନ୍ତି। ଏହା ନିୟମର ଉଲ୍ଲଂଘନ। ଅନେକ ସମୟରେ କାରବାରରେ ଇ-ୱେ ବିଲ୍ ଇ-ଚାଲାଣ ସହ ମେଳ ଖାଇ ନ ଥାଏ। ଏଭଳି ସ୍ଥିତିରେ ଟିକସ ଦେୟରେ ସ୍ୱଚ୍ଛତା ଆଣିବା ପାଇଁ ସରକାର ନିୟମରେ ପରିବର୍ତ୍ତନ କରି ଇ-ୱେ ବିଲ୍ ପାଇଁ ଇ-ଚାଲାଣ ବାଧ୍ୟତାମୂଳକ କରିଛନ୍ତି। ତେବେ ଏହି ନିୟମ କେବଳ ବ୍ୟବସାୟୀଙ୍କ ଉପରେ ଲାଗୁ ହେବ ଏବଂ ଗ୍ରାହକ ତଥା ଅନ୍ୟ ପ୍ରକାର କାରବାର ପାଇଁ ଇ-ୱେ ବିଲ୍ ସୃଷ୍ଟି କରିବା ଲାଗି ଇ- ଚାଲାଣ ବାଧ୍ୟତାମୂଳକ ନୁହେଁ। ଅପରପେକ୍ଷ ଗ୍ରାହକମାନଙ୍କ ଉପରେ ଏହି ପରିବର୍ତ୍ତିତ ନିୟମର କୌଣସି ପ୍ରଭାବ ପଡ଼ିବନାହିଁ ବୋଲି କୁହାଯାଇଛି।




# ଦ୍ୱିତୀୟ ବିବାହ ସତ୍ତ୍ୱେ ଭରଣପୋଷଣ ପାଇବେ ମୁସଲିମ ମହିଳା: ହାଇକୋର୍ଟ

**ମୁମ୍ବଇ, ୭।୧ (ଏଜେନ୍ସି)**

ଛାଡ଼ପତ୍ର ପାଇବା ପରେ ପୁଣି ବିବାହ କରିଥିବା ମୁସଲିମ ମହିଳା ପୂର୍ବତନ ସ୍ୱାମୀଙ୍କଠାରୁ ଭରଣପୋଷଣ ଭତ୍ତା ପାଇପାରିବେ। ମହିଳା ଅଧିକାର ସୁରକ୍ଷା ଆଇନ, ୧୯୮୬ ଅନୁଯାୟୀ ମହିଳା ଯୋଗ୍ୟ ବିବେଚିତ ହେବେ ବୋଲି ବମ୍ବେ ହାଇକୋର୍ଟ କହିଛନ୍ତି। ପୂର୍ବତନ ପତ୍ନୀଙ୍କୁ ଏକାଥରକେ ଭରଣପୋଷଣ ଦେବା ବିରୋଧରେ ସ୍ୱାମୀ କରିଥିବା ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ଏହା ସହିତ ପୂର୍ବତନ ପତ୍ନୀଙ୍କୁ ୯ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨ ତାରିଖରେ ଜଷ୍ଟିସ ରାଜେଶ ପାଟିଲଙ୍କ ଏକକ ଖଣ୍ଡପୀଠ ଏହି ନିଷ୍ପତ୍ତି ଶୁଣାଇ କହିଥିଲେ ଯେ ଆଇନର ଧାରା ୩ (୧ଏ) ଅନୁଯାୟୀ ଛାଡ଼ପତ୍ର ପାଇଥିବା ମହିଳାଙ୍କୁ ଭରଣପୋଷଣ ଭତ୍ତା ଦେବାର ବ୍ୟବସ୍ଥା ରହିଛି। ଗରିବୀ ରୋକିବାକୁ ଏବଂ ଛାଡ଼ପତ୍ର ପାଇଥିବା ମୁସଲମାନ ମହିଳାଙ୍କ ଅଧିକାର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏହି ବ୍ୟବସ୍ଥା ରହିଛି। ସୁପ୍ରିମକୋର୍ଟଙ୍କ ଏକ ଆଦେଶର ଉଲ୍ଲେଖ କରି ବିଚାରପତି କହିଥିଲେ ଯେ ଛାଡ଼ପତ୍ର ହେବା ସତ୍ତ୍ୱେ ପୂର୍ବତନ ସ୍ୱାମୀ ସାରା ଜୀବନ ମହିଳାଙ୍କ ଦାୟିତ୍ୱ ନେବେ।

# ବୋଇଂ ୭୩୭-୯ର ସମସ୍ତ ଉଡ଼ାଣ ବନ୍ଦ

**ୱାଶିଂଟନ, ୭।୧ (ଏଜେନ୍ସି):** ବୋଇଂ ୭୩୭-୯ ମାକ୍ସ ବିମାନର ସମସ୍ତ ଉଡ଼ାଣ ଉପରେ ଆମେରିକା ଅସ୍ଥାୟୀ କଟକଣା ଜାରି କରିଛି। ମଝି ଆକାଶରେ ଆଲାସ୍କା ଏୟାରଲାଇନ୍ସର ବୋଇଂ ୭୩୭-୯ ମାକ୍ସ ବିମାନର ଜରୁରୀକାଳୀନ ଦ୍ୱାର ଖୋଲିଯିବା ପରେ ବିମାନ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତି ନେଇଛନ୍ତି। ଏହି ଦୁର୍ଘଟଣାକୁ ନେଇ ସାରା ବିଶ୍ୱରେ ବିମାନର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭାରତ ମଧ୍ୟ ଏହି ବିମାନର ଜରୁରୀକାଳୀନ ଦ୍ୱାର ଯାଞ୍ଚ କରିବାକୁ କହିଛି।

# ଆରବ ସାଗରରେ ଯୁଦ୍ଧ ଜାହାଜ ମୁତୟନ କଲା ପାକିସ୍ତାନ

**ଇସଲାମାବାଦ, ୭।୧ (ଏଜେନ୍ସି):** ଭାରତକୁ ଦେଖି ପାକିସ୍ତାନ ଆରବ ସାଗରରେ ଯୁଦ୍ଧ ଜାହାଜ ମୁତୟନ କରିଛି। ସମୁଦ୍ରରେ ଘଟୁଥିବା ସୁରକ୍ଷାଜନିତ ଘଟଣାକୁ ଦେଖି ଏହି ପଦକ୍ଷେପ ନିଆଯାଇଛି ବୋଲି ପାକିସ୍ତାନ ନୌସେନାର ପ୍ରବକ୍ତା କହିଛନ୍ତି। ଦେଶ ବ୍ୟବସାୟୀକ ମାର୍ଗର ସୁରକ୍ଷା ସୁନିଶ୍ଚିତ କରିବାକୁ ଚାହୁଁଛି। ଏଥିପାଇଁ ନୌସେନା ଆରବ ସାଗରରେ ପାଟ୍ରୋଲିଂ କରୁଛି। ଅନ୍ୟପଟେ ସାଉଦି ଆରବର ନିର୍ଦ୍ଦେଶ ପରେ ପାକିସ୍ତାନ ଯୁଦ୍ଧ ଜାହାଜ ମୁତୟନ କରିଥିବା ଜଣାପଡ଼ିଛି।

# ଆସନ ବୁଝାମଣା ନେଇ କଂଗ୍ରେସ-ଆରଜେଡ଼ି ବୈଠକ

**ନୂଆଦିଲ୍ଲୀ, ୭।୧ (ଏଜେନ୍ସି)**

ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ସଦସ୍ୟ କଂଗ୍ରେସ ଏବଂ ଆରଜେଡି ମଧ୍ୟରେ ରବିବାର ହୋଇଥିବା ବୈଠକ ଶେଷ ହୋଇଛି। କଂଗ୍ରେସ ନେତା ମୁକୁଲ ବାସନିକଙ୍କ ଘରେ ହୋଇଥିବା ଏହି ବୈଠକରେ ବିହାରରେ ଆସନ ବୁଝାମଣାକୁ ନେଇ ଚର୍ଚ୍ଚା ହୋଇଛି। ଏଥିରେ କଂଗ୍ରେସ ପକ୍ଷରୁ ଅଶୋଖ ଗେହଲଟ, ଭୁପେଶ ବଘେଲ, ସଲମାନ ଖୁର୍ସିଦ ଏବଂ ବିହାର କଂଗ୍ରେସ ଅଧ୍ୟକ୍ଷ ଅଖିଳେଶ ସିଂହଙ୍କ ସମେତ ଅନେକ ନେତା ଯୋଗ ଦେଇଥିଲେ। ବୈଠକ ପରେ ଦିନେ ଦୁଇଦିନ ମଧ୍ୟରେ ସମସ୍ତ ତଥ୍ୟ ସାମ୍ନାକୁ ଆସିବ ବୋଲି କଂଗ୍ରେସ ନେତା ସଲ୍‌ମାନ ଖୁର୍ସିଦ କହିଛନ୍ତି। ସେହିପରି ସୋମବାର ଏହି ପ୍ରସଙ୍ଗରେ କଂଗ୍ରେସ ଏବଂ ଆମ୍ ଆଦମୀ ପାର୍ଟି (ଆପ୍)ର ବୈଠକ ହେବାକୁ ଯାଉଛି। ସୂଚନା ଅନୁଯାୟୀ କଂଗ୍ରେସ ବିହାରର ୧୧ ଆସନ ଦାବି କରିଥିଲା। ଏହା ସହିତ ଶନିବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଦେଇଥିବା ମନ୍ତବ୍ୟ 'ସଂଯୋଜକ ଚୟନ କରିବା କୌନ ବନେଗା କରୋଡପତି ଭଳି' ଉପରେ ଜେଡିୟୁ ଆପତ୍ତି ଉଠାଇ ଥିଲା। ଅନ୍ୟ ପକ୍ଷରେ କଂଗ୍ରେସ ୫୩୯ ଲୋକସଭା ଆସନ ପାଇଁ ସଂଯୋଜକ ନିଯୁକ୍ତି କରିଛି।





# ମୃଦୁଳା ଗର୍ଗଙ୍କୁ 'ନୀଳିମାରାଣୀ ସାହିତ୍ୟ ସମ୍ମାନ'

## କାଦମ୍ବିନୀ ସାହିତ୍ୟ ମହୋତ୍ସବ ଓ ପତ୍ରିକା ହାଟ

ଭୁବନେଶ୍ୱର ୭।୧(ସମିସ):

ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ପକ୍ଷରୁ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ', 'କାଦମ୍ବିନୀ ପତ୍ରିକା ହାଟ', କବି-କବିତା କାର୍ଯ୍ୟକ୍ରମ, କୁନାକୁନି ମେଳା ଓ ଶିଶୁ ସାହିତ୍ୟ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ଭାରତୀୟ ସାହିତ୍ୟିକା ମୃଦୁଳା ଗର୍ଗଙ୍କୁ ଚଳିତବର୍ଷର 'ନୀଳିମାରାଣୀ ସାହିତ୍ୟ ସମ୍ମାନ' ଏବଂ କଥାକାର, ସମ୍ପାଦକ ତଥା ରାଷ୍ଟ୍ରପତିଙ୍କ ଅତିରିକ୍ତ ପ୍ରେସ୍ ସଚିବ ବିଜୟ ନାୟକଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ମୃଦୁଳା ଗର୍ଗଙ୍କୁ ସମ୍ମାନ ବାବଦରେ ୫ଲକ୍ଷ ଟଙ୍କାର ଅର୍ଥରାଶି, ରୌପ୍ୟ ପଦକ, ସନନ୍ଦ ପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ବିଜୟ ନାୟକଙ୍କୁ କାଦମ୍ବିନୀ ସାହିତ୍ୟ ସମ୍ମାନ ବାବଦରେ ୧ଲକ୍ଷ ଟଙ୍କାର ଅର୍ଥରାଶି, ସନନ୍ଦ ପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ସେହିପରି 'ସୁଲେଖା' ସମ୍ପାଦକ ସଦାଶିବ ମିଶ୍ର ଓ 'ଗୋଧୂଳି' ସମ୍ପାଦିକା ବିମଳା ସିଂହଙ୍କୁ କାଦମ୍ବିନୀ ସମ୍ପାଦକ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିଭଳି ପ୍ରଫେସର ବୈଷ୍ଣବ ଚରଣ ସାମଲ, ରାଧାବିନୋଦ ନାୟକ, ସୁକାମିନୀ



ନନ୍ଦ, ତୁଳସୀ ଓଝା ଓ ପ୍ରଫେସର ନାରାୟଣ ସାହୁଙ୍କୁ ଚଳିତବର୍ଷର 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା' ପ୍ରଦାନ କରାଯାଇଥିଲା। ସେହିପରି ପାଲା ଗାୟିକା ପ୍ରଜ୍ଞା ରାଉତଙ୍କୁ 'କାଦମ୍ବିନୀ ସମ୍ବର୍ଦ୍ଧନା' ପ୍ରଦାନ କରାଯାଇଥିଲା। ସମ୍ମାନ ଗ୍ରହଣ କରି ଶ୍ରୀମତୀ ଗର୍ଗ କହିଲେ, ଜୀବନରେ ଟଙ୍କା ବଡ ନୁହେଁ ହୃଦୟ ବଡ଼। ଆଜି ସମାଜରେ ଭଲ ହୃଦୟର ଲୋକଙ୍କ ଯୋଗୁଁ ଦୁନିଆ ତିଷ୍ଠି ରହିଛି ବୋଲି ସେ କହିଥିଲେ। ଶ୍ରୀ ନାୟକ କହିଲେ, ପରିବର୍ତ୍ତନ ହେଉଛି ଆମ ଜୀବନର ସବୁଠାରୁ ଅପରିବର୍ତ୍ତନୀୟ ନିୟମ। କିନ୍ତୁ ଯାହା ଆମ ସହିତ ସବୁବେଳେ ରହିଥାଏ ତାହା ହେଉଛି ସଂସ୍କୃତି ବୋଲି ସେ କହିଥିଲେ।

ଜୀବନରେ କିଛି କରିବାକୁ ହେଲେ ଲୋକଙ୍କ ପାଇଁ କର ବୋଲି ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇ ଚଳଚ୍ଚିତ୍ର ଅଭିନେତା ଅଭୟ ବର୍ମା କହିଥିଲେ। ସେହିପରି ବିଶିଷ୍ଟ ହିନ୍ଦୀ ଚଳଚ୍ଚିତ୍ର ପ୍ରଯୋଜକ ଓ ନିର୍ଦ୍ଦେଶକ ସନ୍ଦୀପ ସିଂହ କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ଭାବେ ଯୋଗଦେଇ କହିଲେ ଜୀବନରେ ଅର୍ଥ ଓ ନାଁ କମେଇବା ସବୁକିଛି ବୋଲି ମୋର ଯେଉଁ ଧାରଣ ରହିଥିଲା। ଏଠାକୁ ଆସିବା ପରେ ତାହା ଦୂର ହୋଇଯାଇଛି। ଜୀବନରେ ସମ୍ମାନ ଓ ସ୍ନେହ ସବୁଠାରୁ ବଡ଼ ବୋଲି ମୁଁ ଏଠାରୁ ଶିଖିବାକୁ ପାଇଲି। ଆଗମୀ ୩ବର୍ଷ ପାଇଁ ଓଡ଼ିଶାର ପ୍ରତିଭାଙ୍କୁ ନେଇ କିଛି କରିବେ ବୋଲି ସେ କହିଥିଲେ। ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ବିନୋଦ ଗନତ୍ରା କହିଲେ, ନିଷ୍କାମ କର୍ମଯୋଗ କଣ ତାହା ଏଠାକୁ ଆସିବା ମୁଁ ଜାଣି ପାରିଛି।

ଏନେଇ ଅତିଥିମାନଙ୍କ ଦ୍ୱାରା 'କାଦମ୍ବିନୀ' ଓ 'କୁନିକଥା' ଜାନୁଆରୀ ସଂଖ୍ୟା ଶୁଭ ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। 'କାଦମ୍ବିନୀ' ଓ 'କୁନିକଥା' ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦିକା ଡ ଇତିରାଣୀ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବସାହିତ୍ୟ ସମ୍ମିଳନୀରେ ବିଶିଷ୍ଟ ସାହିତ୍ୟିକ ମିହିର କୁମାର ସାହୁ, ପଞ୍ଚାନନ ନାୟକ ଓ ଚିରଶ୍ରୀ ଇନ୍ଦ୍ରସିଂ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଡିଲେଶ୍ୱର ରଣା, ସୌମ୍ୟା ମହାପାତ୍ର, ସଞ୍ଜୟ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ସଞ୍ଚାଳନା କରିଥିଲେ ବିଭାବତୀ ଦାଶ ଓ କୈଳାସ ବେହେରା। ପ୍ରଜ୍ଞାପାରମିତା ରଥ, ମିଯୋଗ ରଞ୍ଜନ ପାତ୍ର ଓ ବେଦପ୍ରକାଶ ନାୟକଙ୍କୁ ଗଳ୍ପ ପାଇଁ 'କାଦମ୍ବିନୀ ନବଉନ୍ମେଷ ପୁରସ୍କାର' ପ୍ରଦାନ କରାଯାଇଥିବା ବେଳେ କବିତା ପାଇଁ ନିଖିଳେଶ ମିଶ୍ର, ଅବକାଶ ପ୍ରଧାନ, ସଂଘମିତ୍ରା ଭୂତିଆ, ଆଶିଷ କୁମାର ମିଶ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ଶିଶୁସାହିତ୍ୟ ସମ୍ମିଳନୀ ଓ କୁନାକୁନି ମେଳାରେ ବିନୋଦ ଗନତ୍ରା, ବିଶିଷ୍ଟ ଆଧାତିକ ବ୍ୟକ୍ତିତ୍ୱ ବାବା ରାମନାରାୟଣ ଦାସ ଓ କଲିକତାସ୍ଥିତ ଏସ୍‌ଆର୍‌ଏଫ୍‌ଟିର ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ ପ୍ରମୁଖ ଯୋଗ ଦେଇଥିବା ବେଳେ ଯୁଗଳ କିଶୋର ଷଡ଼ଙ୍ଗୀ, ଜ୍ୟୋତିର୍ମୟୀ ମହାନ୍ତି, ମାନସ ରଞ୍ଜନ ସାମଲ ଓ ଶରତ କୁମାର ନାୟକଙ୍କୁ କୁନିକଥା ପ୍ରିୟଲେଖକ ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ କୁନିକଥା କୁନି-ପ୍ରତିଭା ପୁରସ୍କାର ସହ ଶିଶୁସାହିତ୍ୟ ସମ୍ମିଳନୀ ଓ କୁନାକୁନି ମେଳା ଏବଂ କଥା-କବିତା-ନୃତ୍ୟ-ସଙ୍ଗୀତ କାର୍ଯ୍ୟକ୍ରମ କୁନି ପ୍ରତିଭାମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା।

## 'ଅମଲ' ପକ୍ଷରୁ ବିଶ୍ୱ ବ୍ରେଲ୍ ଦିବସ

ଭୁବନେଶ୍ୱର, ୭।୧ (ସମିସ): 'ଆନନ୍ଦ ମାର୍ଗ ଏକାଡେମୀ ଅଫ ଲାଇଟ୍ ( ଅମଲ୍), ପକ୍ଷରୁ ରବିବାର ବିଶ୍ୱ ବ୍ରେଲ୍ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ରୋଟାରୀ ଭବନ ଠାରେ ଅନୁଷ୍ଠାନର ମୁଖ୍ୟ, ଓଡ଼ିଶାରେ ଜନ୍ମିତ, ପିଲା ବେଳୁ ପିତାମାତାଙ୍କୁ ହରାଇଥିବା ଜଣେ ଦୃଷ୍ଟିବାଧିତ ତଥା ବହୁ ପ୍ରତିଭାର ଅଧିକାରିଣୀ ସୁଶ୍ରୀ ଇନ୍ଦ୍ରାଣୀ ସଂଖାରୀଙ୍କ ନେତୃତ୍ୱରେ ଆୟୋଜିତ



କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଦୃଷ୍ଟିହୀନ ମେଧାବୀ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଅନୁଷ୍ଠାନ ପକ୍ଷରୁ ବ୍ରେଲ୍ ଲିଖନ, ପଠନ, ଏକକ ଅଭିନୟ, କବିତା ପାଠ, ସଙ୍ଗୀତ ଗାନ ଆଦି ବିଭିନ୍ନ ପ୍ରତିଭା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପିଲାମାନଙ୍କୁ ବ୍ରେଲ ସ୍ଲେଟ ଓ ଅନ୍ୟ ପାଠ୍ୟ ସହାୟକ ସାମଗ୍ରୀ ପ୍ରଦାନ କରାଯାଇଥିଲା । ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁଦୂର ଅଷ୍ଟ୍ରେଲିଆରେ ଅବସ୍ଥାପିତ ବିଶ୍ୱ ସେବା ଓ ଆଧାତ୍ମିକ ସଂସ୍ଥା ଆନନ୍ଦ ମାର୍ଗର ବରିଷ୍ଠ ସନ୍ୟାସିନୀ ଅବଧୂତିକା ଆନନ୍ଦ ଅସେଶା, ନିଉଜିଲ୍ୟାଣ୍ଡରୁ ଅବଧୂତିକା ଆନନ୍ଦ ଅନୁପ୍ରଭା ଓ ସର୍ବଭାରତୀୟ ସ୍ତରରେ କାର୍ଯ୍ୟରତ ଅବଧୂତିକା ଆନନ୍ଦ ମଞ୍ଜରୀ, ଓଡ଼ିଶା ଖଣି ନିଗମର ବରିଷ୍ଠ ପ୍ରବନ୍ଧକ ଇଞ୍ଜିନିୟର କୈଳାଶ ଷଡ଼ଙ୍ଗୀ, ବିଷ୍ଣୁ ଚରଣ ରାଉତ ଯୋଗ ଦେଇଥିଲେ। ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ।

■ ରାଜ୍ୟ ଗ୍ରନ୍ଥାଗାରରେ ପ୍ରେରଣାଦାୟକ ବକ୍ତୃତାମାଳା

## '୫-ଟି' ମନ୍ତ୍ରକୁ ଜୀବନରେ ଉପଯୋଗ କରନ୍ତୁ ଛାତ୍ରଛାତ୍ରୀ



ଭୁବନେଶ୍ୱର, ୭।୧ (ସମିସ): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ୧୧ତମ ପ୍ରେରଣାଦାୟକ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବକ୍ତୃତାମାଳାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଯୁଗ୍ମ ଶାସନ ସଚିବ ମନୋଜ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ '୫-ଟି' ମନ୍ତ୍ରକୁ ଜୀବନରେ ଉପଯୋଗ କରି ବୈଷୟିକ କୌଶଳକୁ ନିଜ ଜୀବନରେ କାର୍ଯ୍ୟକାରୀ କରିବା ଦିଗରେ ପରାମର୍ଶ ଦେଇଥିଲେ। ପାଠକ, ପାଠିକାମାନଙ୍କ ସହ ବାର୍ତ୍ତାଳାପ ମାଧ୍ୟମରେ ସେମାନଙ୍କ ପ୍ରସ୍ତୁତିରେ ଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଯୁଗ୍ମ ଶାସନ ସଚିବ ତଥା ଗ୍ରନ୍ଥାଗାରର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଅତସୀ ଦାସ ସଂଚାଳନ କରିଥିଲେ। ଗ୍ରନ୍ଥାଧକ୍ଷା ସଙ୍ଘମିତ୍ରା ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଗ୍ରନ୍ଥାଧକ୍ଷ ରୁଦ୍ର ପ୍ରସାଦ ବେହେରା, ମଞ୍ଜୁରାଣୀ ମୁଦୁଲି ଉପସ୍ଥିତ ଥିଲେ।

## ଶ୍ରୀଅରବିନ୍ଦ ବିଦ୍ୟାଳୟର ବାର୍ଷିକୋତ୍ସବ

ନନ୍ଦନକାନନ, ୭।୧ (ସମିସ): ଗଣ୍ଡରପୁରସ୍ଥିତ ଶ୍ରୀଅରବିନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଓ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ରାଉତ, ସମ୍ମାନିତ ଅତିଥି ଭାବେ କଲ୍ୟାଣପୁର ସରପଞ୍ଚ ଦେବରାଜ ଭୋଇ, ସମିତିସଭ୍ୟ ଭୁବନ ମୋହନ ଦାସ ଯୋଗଦେଇଥିଲେ। ଏହି ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଓ ଶୁକ୍ରବାର ଆୟୋଜିତ ହୋଇଥିବାବେଳେ ଏଥିରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା। ଶନିବାର ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିବିକ୍ରମ ସେଠୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବାବେଳେ ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କ୍ରୀଡ଼ା ପ୍ରତିଯୋଗିତାକୁ କଳାରାହାଙ୍ଗ ଯୁପି ସ୍କୁଲ କ୍ରୀଡ଼ା ଶିକ୍ଷକ ନିରଞ୍ଜନ ମିଶ୍ର ପରିଚାଳନା କରିଥିଲେ। ପରିଚାଳନା କମିଟି ସଭାପତି ବିଷ୍ଣୁ ଚରଣ ପଢ଼ିଆରୀ, ଦୁଷ୍ମନ୍ତ ସ୍ୱାଇଁ ସହଯୋଗ କରିଥିଲେ।

## ଶିଶିର ସରସ ମେଳାର ଦ୍ୱିତୀୟ ଦିନ / ଛୁଟିଦିନରେ ଖଚାଖଚ୍ ଭିଡ଼







ଭୁବନେଶ୍ୱର, ୭।୧ (ସମିସ): ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧିନସ୍ଥ ଓଡ଼ିଶା ରୁରାଲ ଡେଭେଲପମେଣ୍ଟ ଏଣ୍ଡ ମାର୍କେଟିଂ ସୋସାଇଟି ଆନୁକୂଲ୍ୟରେ ଗ୍ରାମୀଣ କାରିଗର ଓ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ନିମନ୍ତେ ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳ ପଡ଼ିଆ ଠାରେ ଚାଲିଥିବା ଶିଶିର ସରସ-୨୦୨୪ ରବିବାର ଥିଲା ଦ୍ୱିତୀୟ ଦିନ। ଛୁଟିଦିନରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସ୍କୁଲ କଲେଜ ପିଲାଙ୍କ ଠାରୁ ଆରମ୍ଭ କରି ବିଭନ୍ନ ବର୍ଗ ଲୋକମାନେ ମେଳା ପରିସରରେ ବିଭିନ୍ନ ସାମଗ୍ରୀ କିଣିବା ସହ ଫୁଡ୍‌ଷ୍ଟଲରେ ବି ସୁସ୍ୱାଦୁ ଖାଦ୍ୟର ମଜା ନେଇଥିଲେ। ନୂଆ ନୂଆ ଜିନିଷ ପ୍ରତି ଯୁବପିଢ଼ିଙ୍କର ଅଧିକ କ୍ରେଜ୍ ଦେଖିବାକୁ ମିଳୁଛି। ଘରକରଣା ଜିନିଷଠାରୁ ଆରମ୍ଭ କରି ଘରସଜା ସାମଗ୍ରୀ ବିକ୍ରି ହେଉଛି। ଶୀତୁଆ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ କିଣାକିଣିର ବେଶ୍ ମଜା ନେଉଛନ୍ତି ଦର୍ଶକ। ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ପ୍ରଦର୍ଶନୀ ସହ ବିକ୍ରିବଟା ହେଉଛି।

**ବୋହି ନେଉଛନ୍ତି ଫ୍ୟାନ୍ସି ଫୁଲ**

ଘର ସଜାଇବା ପାଇଁ ଫୁଲର ଚାହିଦା ବଢ଼ି ବଢିଚାଲିଛି। ମେଳାର ଅଧିକାଂଶ ସ୍ଥାନରେ ମିଳୁଛି ରଙ୍ଗୀନ ଫୁଲ। କେଉଁଠି ଷ୍ଟଲରେ ତ ପୁଣି କେଉଁଠି ବାହାରେ ପଶରା ମେଲାଇ ବସିଛନ୍ତି ମଣିପୁର ଓ ତ୍ରିପୁରା ଓ ନାଗାଲାଣ୍ଡର ଲୋକମାନେ। ଆସାମର ଜଣେ ବ୍ୟବସାୟୀ ବିଭିନ୍ନ ପ୍ଲାଷ୍ଟିକ୍ ଫୁଲ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ଯେଉଁଠାରେ ମହିଳା ଓ ପୁରୁଷ ଉଭୟଙ୍କ ପ୍ରବଳ ଗହଳି ଜମିଥିଲା। ଡାଲିଆ ଫୁଲ ଠାରୁ ଆରମ୍ଭ କରି, ଗୋଲାପ, ଜିନିଆ, ସୂର୍ଯ୍ୟମୁଖୀ ସହ ରଙ୍ଗବେରଙ୍ଗର ପତ୍ର ଦେଖି ଆଖି ଝଲସି ଯାଉଥିଲା। ଏହିସବୁ ଫୁଲ ଓ ଫୁଲଦାନୀ ବୋହି ନେଇଥିଲେ ଲୋକେ। ସାଧାରଣତଃ ଘର ସଜାଇବାକୁ ଏହି ଫୁଲ ଗୋଛା ଓ ଫୁଲଦାନୀ କିଣୁଥିବା ଗ୍ରାହକମାନେ କହିଛନ୍ତି। ଏହାର ଦାମ୍ ୫୦ ଟଙ୍କାରୁ ଆରମ୍ଭ ହୋଇ ୫୦୦ଶହ ପର୍ଯ୍ୟନ୍ତ ରହିଛି। ସେହିପରି କାଗଜରୁ ତିଆରି ବିଭିନ୍ନ ରଙ୍ଗବେରଙ୍ଗର ଫୁଲ ସମ୍ଭାର ମେଳାର ଅନ୍ୟ ଆକର୍ଷଣ ପାଲଟିଥିଲା। ଏହି କାଗଜ ଫୁଲର ଦାମ୍ ୧୦ ଟଙ୍କାରୁ ଆରମ୍ଭ ହୋଇ ୧୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ମେଳା ପରିସରରେ ରହିଥିବା ମୁଖ୍ୟ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମଧ୍ୟ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା।

# ଭିଡ଼ଠାରୁ ବଳିଯାଉଛି 'ନର୍ଦ୍ଦମା ପାଣି' ଯନ୍ତ୍ରଣା



ଭୁବନେଶ୍ୱର, ୭।୧ (ସମିସ):

ରାସ୍ତାରେ ଭିଡ଼ଠାରୁ ବଳିଯାଉଛି ନର୍ଦ୍ଦମା ପାଣିର ଯନ୍ତ୍ରଣା। କାର୍ ଚାଳକମାନେ ଯାହା ଯେମିତି ରାସ୍ତାକୁ ଅତିକ୍ରମ କରୁଛନ୍ତି, କିନ୍ତୁ ଦୁଇଚକିଆ ଯାନରେ ଯାଉଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଟେପଟେ ରାସ୍ତାରେ ପ୍ରବଳ ଭିଡ଼ ଜମୁଥିବା ବେଳେ ଗୋଡ଼ ରଖିଲେ ନର୍ଦ୍ଦମା ପାଣିରେ ବୁଡ଼ିଯାଉଛି। ତା' ସାଙ୍ଗକୁ ରାସ୍ତାରେ ଭରିରହିଛି ବଡ଼ ବଡ଼ ଖାଲଖମା। ଯାହା ଦୁର୍ଘଟଣାର କାରଣ ପାଲଟିଛି। ଯାତ୍ରୀମାନେ ଏଭଳି ବିପଦସଙ୍କୁଳ ଭାବେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି ୧୬ ନମ୍ବର ଜାତୀୟ ରାଜପଥର କସ୍‌ମୋପଲିସ୍ ଛକରୁ ପାତ୍ରପଡ଼ା ଛକ ରାସ୍ତାରେ।

ପ୍ରାୟ ଏକ ମାସ ହେବ ଫ୍ଲାଏଓଭର କାମ ଚାଲୁଥିବାରୁ ୧୬ ନମ୍ବର ଜାତୀୟ ରାଜପଥର କସ୍‌ମୋପଲିସ୍ ଛକ ଠାରୁ ପାତ୍ରପଡ଼ା ପର୍ଯ୍ୟନ୍ତ ସର୍ଭିସ୍ ରାସ୍ତାକୁ ଜାତୀୟ ରାଜପଥ ଭାବେ ବ୍ୟବହାର କରାଯାଉଛି। ଏହି ରାସ୍ତାରେ କାର୍, ବାଇକ୍, ସ୍କୁଲ ବସ୍ ଠାରୁ ଆରମ୍ଭ କରି ଭାରିଯାନ ମଧ୍ୟ ଯାତାୟତ କରୁଛି। ଫଳରେ ସକାଳ ଓ ସନ୍ଧ୍ୟା ସମୟରେ ପ୍ରବଳ ଭିଡ଼ ଜମୁଛି। ଏମିତିକି ୨୦୦ ମିଟର ରାସ୍ତା ଅତିକ୍ରମ କରିବାକୁ ଘଣ୍ଟା ଘଣ୍ଟା ଧରି ଭିଡ଼ରେ ଫସୁଛନ୍ତି ଲୋକେ। ତେବେ ଭିଡ଼ଠାରୁ ଆହୁରି ଚିନ୍ତାରେ ପକାଇଛି ନର୍ଦ୍ଦମା ପାଣି। ଏହି ରାସ୍ତାଟି ଏନ୍‌ଏଚ୍‌ଏଆଇ ଅଧୀନରେ ରହିଥିବାରୁ ଏନ୍‌ଏଚ୍‌ଏଆଇ ପକ୍ଷରୁ ଡ୍ରେନ୍ ନିର୍ମାଣ କରାଯାଇଛି। କିନ୍ତୁ ଡ୍ରେନ୍‌ଗୁଡ଼ିକ କେଉଁଠି ଆରମ୍ଭହୋଇ କେଉଁଠି ଶେଷହୋଇଛି ତାହାର କୌଣସି ଠିକଣା ନାହିଁ। କିଛି ବାଟ

**ମୁଖ୍ୟରାସ୍ତାରେ ଭାସୁଛି ଆପାର୍ଟମେଣ୍ଟର ମଇଳା ପାଣି**

**ହନ୍ତସନ୍ତ ହେଉଛନ୍ତି ଗାଡ଼ିଚାଳକ**

ଡ୍ରେନ୍ ନିର୍ମାଣ ହୋଇଛି, ମଝିରେ କିଛି ସ୍ଥାନ ଛାଡ଼ି ପୁଣି ଡ୍ରେନ୍ ନିର୍ମାଣ ହୋଇଛି। ଅଳିଆ ଆବର୍ଜନାରେ ଭର୍ତ୍ତିହୋଇ ଡ୍ରେନ୍ ଅଧା ପୋତି ହୋଇଗଲାଣି। ଫଳରେ ଜଳ ନିଷ୍କାସନ ଠିକ୍ ଭାବେ ହେଉନାହିଁ। ତା ସାଙ୍ଗକୁ ବୋଝ ଉପରେ ନଳିତା ବିଡ଼ା ଭଳି ଦାଉ ସାଜିଛି ନିକଟସ୍ଥ ଏକ ଆପର୍ଟମେଣ୍ଟରୁ ନିର୍ଗତ ଅପରିଷ୍କାର ପାଣି। ଏହି ଡ୍ରେନ୍‌କୁ ସଂଯୋଗ ହୋଇଥିବାରୁ ତାହା ଉଛୁଳି ରାସ୍ତାରେ ପ୍ରବାହିତ ହେଉଛି। ପାଣିରେ ଗୋଡ଼ ବୁଡୁ ଥିବାରୁ ଦୁର୍ଗନ୍ଧ ସାଙ୍ଗକୁ ପାଣିରେ ସଂକ୍ରମଣ ଆଶଙ୍କା ରହିଛି।

ବର୍ତ୍ତମାନ ଏହି ରାସ୍ତା ସମସ୍ତଙ୍କର ଏକମାତ୍ର ଭରସା ପାଲଟିଥିବାବେଳେ ରାସ୍ତାରେ ବଡ଼ବଡ଼ ଖାଲ ଭର୍ତ୍ତି ହୋଇ ରହିଛି ଓ ଅନେକ ସ୍ଥାନରେ ପିଚୁ ଉଠିଯାଇଛି। ଡ୍ରେନ୍ ପାଣି ରାସ୍ତାରେ ପ୍ରବାହିତ ହେଉଥିବାରୁ ଖାଲଖମା ଜଣାପଡୁନାହିଁ। ବିଶେଷକରି ବାଇକ୍ କିମ୍ବା ସ୍କୁଟି ଚାଳକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ଅଞ୍ଚଳଟି ୱାର୍ଡ ନମ୍ବର ୬୫ ଅଧୀନରେ ରହିଛି। ଏ ନେଇ ୱାର୍ଡର କର୍ପୋରେଟର୍ ରଶ୍ମୀରଞ୍ଜନ ପାଟଶାଣୀ କହିଛନ୍ତି ଯେ, ଏହି ରାସ୍ତା ଓ ଡ୍ରେନ୍ ଉଭୟ ଏନ୍‌ଏଚ୍‌ଏଆଇ ଅଧୀନରେ ରହିଛି। ବର୍ତ୍ତମାନ ଓଭରବ୍ରିଜ୍ କାମ ଚାଲୁଥିବାରୁ ଏହି ରାସ୍ତାରେ ଭିଡ଼ ଜମୁଛି। ହେଲେ ଡ୍ରେନ୍ ଅଧାପନ୍ତରିଆ ହୋଇ ପଡ଼ିବା ସାଙ୍ଗକୁ ଆପାର୍ଟମେଣ୍ଟ ପାଣି ଡ୍ରେନ୍‌ରେ ପଶି ତାହା ଉଛୁଳି ରାସ୍ତାରେ ସୁଅ ଛୁଟୁଛି। ଏନେଇ କମିସନର, ମେୟର ମଧ୍ୟ ଏନ୍‌ଏଚ୍‌ଏଆଇଙ୍କ ସହ ଆଲୋଚନା କରିଥିବାବେଳେ ମୁଁ ମଧ୍ୟ ଲିଖିତ ଭାବେ ଅବଗତ କରିଛି ବୋଲି ଶ୍ରୀ ପାଟଶାଣୀ କହିଛନ୍ତି।

ଜାତୀୟ ଜନଜାତି ଶିଳ୍ପ ମେଳା-୨୦୨୪

## ଆକର୍ଷଣରେ ମାଣ୍ଡିଆ ଅଳଙ୍କାର

ଭୁବନେଶ୍ୱର, ୭।୧ (ସମିସ): ମାଣ୍ଡିଆରେ ତିଆରି ହୋଇଛି ଗହଣା। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ଏହା ସତ। ମାଣ୍ଡିଆ ତଥା ପୁଷ୍ଟିଶସ୍ୟରେ ତିଆରି ହୋଇଛି କାନଫୁଲ, ହାର, ବ୍ରେସଲେଟ୍, ଲକେଟ୍ ଆଦି ଅଳଙ୍କାର। ସରକାରୀସ୍ତରରେ ମାଣ୍ଡିଆର ପ୍ରଚାର ପ୍ରସାର କରାଯିବା ସହ ୨୦୨୩ ବର୍ଷକୁ ମାଣ୍ଡିଆ ବର୍ଷ ଭାବେ ପାଳନ କରାଯାଇଥିଲା। ବିଭିନ୍ନ ହୋଟେଲ, ରେସ୍ତୋରାଁ ପ୍ରତ୍ୟେକଙ୍କ ଖାଇବା ଥାଳିରେ ମାଣ୍ଡିଆକୁ ସାମିଲ କରିବାକୁ ପ୍ରୟାସ କରାଯାଉଛି। ହେଲେ ଅଭିନବ ଉପାୟରେ ମାଣ୍ଡିଆକୁ ବ୍ୟବହାର କରି ଏକ ଆକର୍ଷଣୀୟ ଜିନିଷ ତିଆରି କରି ଏବେ ଚର୍ଚ୍ଚାରେ ରହିଛନ୍ତି ବଡ଼ଗଡ଼ ଜିଲ୍ଲା ପାଇକମାଳ ଅଞ୍ଚଳର କ୍ଷମାସାଗର।

**ଚୁଡ଼ି, କାନଫୁଲ, ବ୍ରେସଲେଟ୍ କିଣିବାକୁ ଜମୁଛି ଭିଡ଼**



ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା 'ଜାତୀୟ ଜନଜାତି ଶିଳ୍ପ ମେଳା-୨୦୨୪' ଓ 'ଜାତୀୟ ଜନଜାତି ନୃତ୍ୟ ମହୋତ୍ସବ-୨୦୨୪'ରେ କ୍ଷମାସାଗର ନିଜର ଏକ ଷ୍ଟଲରେ ଏହି ଗହଣା ପ୍ରଦର୍ଶନ ଓ ବିକ୍ରି କରୁଛନ୍ତି। ପ୍ଲାଷ୍ଟିକ୍, ଫାଇବର ଆଦିକୁ ବିଭିନ୍ନ ଆକୃତି ଦେଇ ସେଥିରେ ଅଠା ସାହାଯ୍ୟରେ ସୁଆଁ, ଚାଙ୍ଗୁ, ମାଣ୍ଡିଆ ଆଦି ପୁଷ୍ଟି ଶସ୍ୟକୁ ବ୍ୟବହାର କରିଛନ୍ତି। ଯାହା ଦେଖିବାକୁ ବେଶ୍ ଆକର୍ଷଣୀୟ ହୋଇଛି। ତେବେ ପ୍ରଥମ କରି ଏଭଳି ଏକ ନିଆରା ଉଦ୍ୟମରେ ଗହଣା ତିଆରି କରିଥିବାରୁ ଏହାକୁ କିଣିବାକୁ ମହିଳାଙ୍କ ବେଶ୍ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। ଏହିସବୁ ଗହଣା ଶାଢ଼ୀ କିମ୍ବା ଡ୍ରେସ୍ ଉପରେ ବ୍ୟବହାର କରାଗଲେ ଏକ ଡିଫରେଣ୍ଟ ଲୁକ୍ ଦେଉଥିବା ଗ୍ରାହକମାନେ କହିଛନ୍ତି। ଏହାର ଦାମ୍ ୮୦ଟଙ୍କାରୁ ଆରମ୍ଭ ହୋଇ ୨୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ପେପରରେ ବିଭିନ୍ନ ଆକୃତିର ଫୁଲ ଗଛ କିମ୍ବା ଅନ୍ୟ ଚିତ୍ର ଅଙ୍କାଯାଇ ସେଥିରେ ରଙ୍ଗ ବଦଳରେ ମାଣ୍ଡିଆ ବ୍ୟବହାର କରାଯାଇଛି। ଯାହାକୁ ୱାଲ୍‌ହ୍ୟାଙ୍ଗିଙ୍ଗ ଭାବେ ବ୍ୟବହାର କରାଯିବ। ଏହାସହ ମାଣ୍ଡିଆ ଓ ତେନ୍ତୁଳିକୁ ମିଶାଇ ଚକୋଲେଟ୍, କେକ୍ ଆଦି କ୍ଷମାସାଗର ତିଆରି କରିଥିବା କହିଛନ୍ତି।

# ଭୁବନେଶ୍ୱର ସିଟି





**ବଢୁଛି ଚୋରା ଚାଲାଣ**

# ଦୁଇବର୍ଷରେ ୧୫୨୭ ଟନ୍ ଖଣିଜ ସମ୍ପଦ ଜବତ

## ଗତବର୍ଷ ୨୦୦ ଡିଟୋନେଟର୍, ୫୦ କିଲୋ ଆମୋନିୟମ ନାଇଟ୍ରେଟ୍ ଠାବ

ଭୁବନେଶ୍ୱର,୭ା୧(ସମିସ): ଆମ୍‌ଦାନି କିମ୍ବା ରପ୍ତାନି ହେଉଥିବା ଖଣିଜ ସମ୍ପଦ ଚୋରା ଚାଲାଣ ପଛରେ ଓଡ଼ିଶାରେ କାମ କରୁଛି ବଡ଼ ନେଟ୍‌ୱାର୍କ। ଓଡ଼ିଶାରେ ଗଚ୍ଛିତ ଥିବା ଖଣିଜ ସମ୍ପଦକୁ ଚୋରା ଚାଲାଣକରି ମାଫିଆମାନେ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ଓଡ଼ିଶାରେ ଏହି ନେଟ୍‌ୱର୍କ ସକ୍ରିୟ ହୋଇଥିବାରୁ ସରକାରୀ ତହବିଲ୍ କ୍ଷତିରେ ଚାଲୁଛି। ଖଣି ମାଫିଆଙ୍କ ସାମ୍ରାଜ୍ୟକୁ ମୂଳୋତ୍ପାଟନ କରିବାକୁ ଅଣ୍ଟାଭିଡ଼ିଛି କ୍ରାଇମ୍‌ବ୍ରାଞ୍ଚର ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍)। ଗଲା ଦୁଇବର୍ଷ ହେଲା ଖଣିଜଦ୍ରବ୍ୟ ଜବତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି। ୨୦୨୨ ଅପେକ୍ଷା ୨୦୨୩ରେ ଖଣିଜ ସମ୍ପଦ ଜବତ କ୍ରମଶଃ ହ୍ରାସ ହୋଇଛି। ଏହି ଚଢ଼ଉ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ଲକ୍ଷ୍ୟରଖିଛି ଏସ୍‌ଟିଏଫ୍। ଏଥିରେ ହାର୍ଡକୋକ୍ ୩୫୩ ଟନ୍, କୋଇଲା ୮୭ ଟନ୍, କ୍ରୋମାଇଟ୍ ୧୦୬୦ ଟନ୍ ଓ ଅଷ୍ଟ୍ରେଲିଆନ୍ କୋକ୍ ୩୧ ଟନ୍ ଆଦି ଜବତ ହୋଇଥିଲା। ଏଥିସହ ୭ଟି ମାମଲା ରୁଜୁକରି ୧୫ରୁ ଅଧିକ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଖଣିଜଦ୍ରବ୍ୟ ଉତ୍ତୋଳନ କରିବାରେ ବିସ୍ଫୋରକ ବ୍ୟବହାର କରାଯାଉଛି। ଖଣି ଅଞ୍ଚଳରେ ବିସ୍ଫୋରକ ଲଗାଇ ଉଡ଼ାଇ ଦିଆଯାଉଛି। ପଥର ଠାରୁ କୋଇଲା ଖଣିରେ ଅନବରତ ଖଣି ଉତ୍ତୋଳନ ପ୍ରକ୍ରିୟା ଚାଲୁଛି। ଗଲାବର୍ଷ ଖଣି ଉତ୍ତୋଳନରେ ବ୍ୟବହୃତ ହେଉଥିବା ବିସ୍ଫୋରକ ସାମଗ୍ରୀ ମଧ୍ୟରୁ ୨୦୦ଟି ଡିଟୋନେଟର୍, ୭୫ଟି ଗାଲାଣ୍ଟିନ୍ ଓ ୫୦ କିଲୋ ଆମୋନିୟମ ନାଇଟ୍ରେଟ୍ ଠାବ ହୋଇଛି। ଏହି ବିସ୍ଫୋରକକୁ ଜନବସତି ଠାରୁ ଦୂର ନଦୀପଠାରେ ନଷ୍ଟ କରିଦେଇଛି ତଦନ୍ତକାରୀ ସଂସ୍ଥା।



ସୁନ୍ଦରଗଡ଼, ପାରାଦ୍ୱୀପ, ତାଳଚେର, ହେମଗିରି, ବସୁନ୍ଧରା, ଭଦ୍ରକ, ବାଲେଶ୍ୱର ଆଦି ଜିଲ୍ଲାରେ ଖଣିଜ ସମ୍ପଦ ମାଫିଆଙ୍କ ସାମ୍ରାଜ୍ୟ ଚାଲୁଛି। ବିଦେଶରୁ ଆମଦାନି ହୋଇ ଆସୁଥିବା କିମ୍ବା ରପ୍ତାନି ହୋଇ ଯାଉଥିବା ଖଣିଜ ସମ୍ପଦକୁ ଟାର୍ଗେଟ୍ କରାଯାଉଛି। ଧାମରା କିମ୍ବା ପାରାଦ୍ୱୀପ ବନ୍ଦର ଭଳି ଗନ୍ତବ୍ୟସ୍ଥାନରେ ପହଞ୍ଚିବା ପୂର୍ବରୁ ଅଧାବାଟରୁ ଅଧା ମାଲ୍ ଗାଏବ୍ ହୋଇଯାଉଛି। ଟ୍ରକରେ ଆସୁଥିବା କିମ୍ବା ଯାଉଥିବା ମୂଲ୍ୟବାନ ଖଣିଜ ସମ୍ପଦକୁ ଚିହ୍ନଟ ହୋଇଥିବା ସ୍ଥାନରେ ଦଲାଲଙ୍କ ଜରିଆରେ ଟ୍ରକରୁ କଢ଼ାଯାଉଛି। ପରେ ଟ୍ରକ ପୂରଣ କରିବା ଲାଗି ମାଙ୍କଡ଼ା ପଥର ଗୁଣ୍ଡ, କ୍ରସର ଗୁଣ୍ଡ ଓ କୋଇଲା ଗୁଣ୍ଡ ଆଦିକୁ ମିଶାଇ ଦିଆଯାଇଛି। ଏମିତି ବାଟମାରଣା ହେବାରୁ ଆମ୍‌ଦାନି କିମ୍ବା ରପ୍ତାନି କରୁଥିବା ସଂସ୍ଥା କୋଟି କୋଟି ଟଙ୍କାର କ୍ଷତି ସହୁଛନ୍ତି। ସେହିପରି ରପ୍ତାନି କିମ୍ବା ଆମଦାନି ହୋଇ ଆସିଥିବା ଖଣିଜ ସମ୍ପଦକୁ ଚୋରିକରିବା ପରେ ଓଡ଼ିଶା ସମେତ ଅନ୍ୟରାଜ୍ୟକୁ ଚାଲାଣ କରାଯାଇଛି। ରାଜ୍ୟର କୋଣ ଅନୁକୋଣ ସହ କୋଲକାତା, ଝାଡ଼ଖଣ୍ଡ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଭଳି ପଡ଼ୋଶୀ ରାଜ୍ୟଗୁଡ଼ିକୁ ମାଲ୍ ପଠାଯାଉଛି। ଖଣିଜ ସମ୍ପଦ ଚୋରାଚାଲାଣ ସାମ୍ରାଜ୍ୟକୁ ରୋକିବା ଲାଗି ଜିଲ୍ଲା ପୁଲିସ ଅଧୀନରେ ଥିବା ଗୁଇନ୍ଦା ବ୍ୟବସ୍ଥାକୁ ଆହୁରି ସତର୍କ କରାଯାଇଛି ବୋଲି ଏସ୍‌ଟିଏଫ୍‌ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

### ସୁରକ୍ଷାକର୍ମୀ ଜଗୁଛନ୍ତି ଅଷ୍ଟ୍ରେଲିୟନ୍ କୋକ୍

ଓଡ଼ିଶା ବଜାରରେ ଅଷ୍ଟ୍ରେଲିୟନ୍ କୋକ୍‌ର ଚାହିଦା ବହୁଗୁଣା। ବିଭିନ୍ନ ଦେଶରୁ ଓଡ଼ିଶାକୁ ଅଷ୍ଟ୍ରେଲିୟନ୍ କୋକ୍ ଆମ୍‌ଦାନି ହେଉଛି। ବଡ଼ ବଡ଼ ଜାହାଜରେ ଅଷ୍ଟ୍ରେଲିୟନ କୋକ୍ ଓଡ଼ିଶାର ବନ୍ଦରରେ ପହଞ୍ଚୁଛି। ପରେ ଟ୍ରକରେ ଭର୍ତ୍ତି ହୋଇ କାରଖାନାଗୁଡ଼ିକର ଗନ୍ତବ୍ୟସ୍ଥଳକୁ ଯାଉଛି। କିନ୍ତୁ ମାଫିଆ ଟ୍ରକରୁ ଟନ୍ ଟନ୍ ମାଲ୍ ବାହାର କରି କ୍ରସର୍ ଓ କୋଇଲାଗୁଣ୍ଡକୁ ମିଶାଇ ସାମ୍ରାଜ୍ୟ ଚଳାଇଛନ୍ତି। ଦାମୀ ଅଷ୍ଟ୍ରେଲିୟନ୍ କୋକ୍ ଚୋରା ଚାଲାଣ ରୋକିବା ଲାଗି ମାଲ୍ କିଣୁଥିବା ସଂସ୍ଥା ସ୍ୱତନ୍ତ୍ରଭାବେ ନିଜସ୍ୱ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରୁଛନ୍ତି। ଅଷ୍ଟ୍ରେଲିୟନ୍ କୋକ୍ ଯାଉଥିବା ଟ୍ରକ ପଛ ପଛେ ସୁରକ୍ଷାକର୍ମୀଙ୍କ ଗାଡ଼ି ଯାଉଛି। ରାସ୍ତାରେ ସବୁ ପ୍ରକାରର ପରିସ୍ଥିତିକୁ ମୁକାବିଲା କରି ଠିକଣାସ୍ଥାନରେ ମାଲ ପହଞ୍ଚାଯାଉଛି। ସମସ୍ତ ପ୍ରକାରର ସୁରକ୍ଷା ବନ୍ଦୋବସ୍ତ ବ୍ୟବସ୍ଥା ସତ୍ତ୍ୱେ ବି ଅଷ୍ଟ୍ରେଲିୟନ୍ କୋକ୍ ଚୋରା ଚାଲାଣ ହେଉଛି। ଗତବର୍ଷ ଭଦ୍ରକର ଚରମ୍ପା ନିକଟରୁ ୩୧ ଟନ୍ ଦାମୀ ଅଷ୍ଟ୍ରେଲିଆନ୍ କୋକ୍ ଜବତ ହୋଇଥିଲା।

# ପୋଷ୍ଟର୍ ମାଲମାଲ; ତଦନ୍ତ ଦୁର୍ବଳ

ଭୁବନେଶ୍ୱର, ୭ା୧ (ସମିସ): ଛାଇଯାଉଛି ପୋଷ୍ଟର୍, ଆଗେଇପାରୁନି ତଦନ୍ତ। ଧୀମା ତଦନ୍ତ ଯୋଗୁଁ ଅଧାବାଟରେ ଅଟକୁଛି ମାମଲା। ରାଜଧାନୀରେ ଘଟୁଥିବା ସମ୍ବେଦନଶୀଳ ଘଟଣାଗୁଡ଼ିକର ଧୀମା ତଦନ୍ତ ଲାଗି ଅଡୁଆରେ ପଡୁଛି କମିସନରେଟ୍ ପୁଲିସ। ତଦନ୍ତର ବିକଳ୍ପ ପନ୍ଥା ବାହାରକରି ପୋଷ୍ଟର୍ ଲଗାଉଛି ପୁଲିସ। କିନ୍ତୁ କିଛି ହାତଗଣତି ମାମଲା ଛାଡ଼ିଦେଲେ, ଅଧାରୁ ଅଧିକ ମାମଲାରେ ଫେଲ୍ ହୋଇଛି ପୋଷ୍ଟରନୀତି। ନିକଟରେ ଆପାର୍ଟମେଣ୍ଟରୁ ଚୋରି କରିଥିବା ଲୁଟେରାଙ୍କ ସୁରାକ୍ ମିଳୁନି। ତେଣୁ ଲୁଟେରାଙ୍କ ଫଟୋକୁ ଲଗାଇ ବିଭିନ୍ନ ସ୍ଥାନରେ ପୋଷ୍ଟର୍ ଲଗାଯାଇଛି। ସେମାନଙ୍କ ଫଟୋ ଚିତ୍ର ସହ କିପରି ଚୋରି ଓ ଡକାୟତି କରୁଛନ୍ତି, ସେନେଇ ଲୋକଙ୍କୁ ପୋଷ୍ଟର ଜରିଆରେ ଅବଗତ କରାଯାଇଛି। ଆପାର୍ଟମେଣ୍ଟରୁ ଚୋରି ହୋଇଥିବା ଚନ୍ଦକା, ବାଲିଅନ୍ତା, ପାହାଳ, ମଞ୍ଚେଶ୍ୱର, ଇନ୍‌ଫୋସିଟି, ନନ୍ଦନକାନନ, ଭରତପୁର ଆଦି ଅଞ୍ଚଳରେ ପୋଷ୍ଟର୍ ଲଗାଯାଇଛି। ଲୁଟେରାଙ୍କ ବିଷୟରେ ସୂଚନାଦେବାକୁ ଦୁଇଟି ଫୋନ୍ ନମ୍ବର ଜାରିହୋଇଛି। ଯେଉଁଥିରେ ସୂଚନାଦାତାଙ୍କ ତଥ୍ୟ ଗୋପନୀୟ ରଖାଯିବା ସହ ପୁରସ୍କାର ସ୍ୱରୂପ ୧୦ହଜାର ଟଙ୍କା ଅର୍ଥ ରାଶି ମିଳିବ ବୋଲି କୁହାଯାଇଛି। ପୂର୍ବରୁ ବି ଏଟିଏମ୍ ଲୁଟେରାଙ୍କୁ ଧରିବା ଲାଗି ଏଟିଏମ୍‌ଗୁଡ଼ିକରେ ଲୁଟେରାଙ୍କ ଫଟୋ ଝୁଲିଥିଲା। ଲୁଟ୍ ସମୟର ଦୃଶ୍ୟ ସହ ଲୁଟିବାର କାରସାଦିର ଫଟୋଗୁଡ଼ିକୁ ପୋଷ୍ଟର୍ କରି ଲଗାଯାଇଛି।

ଯଦିବା ପୂର୍ବରୁ ଚନ୍ଦକା ଥାନା ଦାସପୁରରେ କଟାମୁଣ୍ଡ ଘଟଣା ଓ ରେଳ ଷ୍ଟେସନ ଧାନବାଦ ଏକ୍ସପ୍ରେସ୍‌ରୁ ମିଳିଥିବା ମହିଳାଙ୍କ ପରିଚୟ ଚିହ୍ନଟରେ ପୋଷ୍ଟର ଲଗାଇ ସଫଳ ହୋଇଥିଲା ପୁଲିସ। କିନ୍ତୁ




### ପୋଷ୍ଟର୍ ଭରସାରେ କମିସନରେଟ୍ ପୁଲିସ
### ଧୀମା ତଦନ୍ତ ଯୋଗୁଁ ଅପରାଧୀ ଗାଏବ୍

ଅନେକ ମାମଲାରେ ପୋଷ୍ଟର ଲଗାଇ ଫେଲ୍ ମାରିଛି କମିସନରେଟ ପୁଲିସ। ହାତଗଣତି ମାମଲା ଛାଡିଦେଲେ ୮୦ ପ୍ରତିଶତ ପୋଷ୍ଟର ଲଗାଇବା ମାମଲାରେ କିଛି ବି ସୁଫଳ ମିଳିନି। ଅପରପକ୍ଷେ କେବଳ ପୋଷ୍ଟର ଲଗାଇ ତଦନ୍ତ ସାରିଦେଇଛି କମିସନରେଟ ପୁଲିସ। ତେଣୁ ଅନେକ ମାମଲା ବର୍ଷ ବର୍ଷ ଧରି ଗଡୁଥିଲେ ବି ତଦନ୍ତ ଆଗେଇ ପାରୁନି।

ଇନ୍‌ଫୋଭ୍ୟାଲି ଥାନା ଅଧୀନ ଗୌଡ଼ କାଶିପୁର ପଛ ବିଲରୁ ଜଣେ ବ୍ୟକ୍ତିଙ୍କ ଅଜଣା ମୃତଦେହ, ଚନ୍ଦକା ଥାନା ଗୋଠପାଟଣାର ଏକ ଆମ୍ବତୋଟାରୁ ମିଳିଥିଲା ମହିଳାଙ୍କ ମୃତଦେହ, ମଞ୍ଚେଶ୍ୱର ଥାନା ବରିମୁଣ୍ଡ ବାଲିଯାତ୍ରା ପଡ଼ିଆ କୁଆଖାଇ ନଦୀ ପଠାରେ ବାଲି ତଳୁ ଜଣେ ଯୁବକର ମୃତଦେହ, ଝାଁଳା ଫାଣ୍ଡି ପରିସରରୁ ଜବତ କାର୍‌ରୁ ମିଳିଥିବା ମହିଳାଙ୍କ କଙ୍କାଳର ସ୍କେଚ୍, କ୍ୟାପିଟାଲ ଥାନା ଅଞ୍ଚଳରେ ପଥରରେ ଛେଚି ଯୁବକଙ୍କୁ ହତ୍ୟା ମାମଲାରେ ପୋଷ୍ଟର ଲଗାଇ ମୃତକଙ୍କ ପରିଚୟ ପାଇପାରିନି ପୁଲିସ।

**କୋଟିଏ ଟଙ୍କାର ବ୍ରାଉନ୍‌ସୁଗର ଜବତ ଘଟଣା**

## ତିନିଦିନିଆ ରିମାଣ୍ଡରେ ଆସିବ ସୁଜିତ

ଭୁବନେଶ୍ୱର,୭ା୧(ସମିସ): କୋଟିଏ ଟଙ୍କାର ବ୍ରାଉନ୍‌ସୁଗର ଜବତ ଘଟଣାରେ ପୁରୀ ଜିଲ୍ଲା ନିମାପଡ଼ା ଜିଓ ପେଟ୍ରୋଲ ପମ୍ପ ନିକଟରୁ କଲେଜ ଛାତ୍ର ସୁଜିତ୍ କୁମାର ମହାନ୍ତିଙ୍କୁ ଏସ୍‌ଟିଏଫ ଗିରଫ କରିଥିଲା। ଗିରଫ ସୁଜିତ୍‌କୁ ରିମାଣ୍ଡରେ ଆଣିବା ପାଇଁ ଏସ୍‌ଟିଏଫ ପକ୍ଷରୁ କୋର୍ଟରେ ୩ଦିନ ପାଇଁ ଆବେଦନ କରାଯାଇଛି। ତେଣୁ ସୋମବାର ତାକୁ ଏସ୍‌ଟିଏଫ ଆଣିବ ବୋଲି କୁହାଯାଉଛି। ଏସ୍‌ଟିଏଫ ପଚରାଉଚରା କରିବା ପରେ ଏହି ରାକେଟ୍ ପଛରେ ମାଷ୍ଟରମାଇଣ୍ଡ ରହିଛି ନିମାପଡ଼ା, ଶ୍ୟାମସୁନ୍ଦରପୁରର ବିପିନ ସାହୁ ଥିବା ଜଣାପଡ଼ିଛି। ତେଣୁ ବିପିନ ବାଲେଶ୍ୱରରୁ ବ୍ରାଉନ୍‌ସୁଗରଆଣି ପୁରୀ, ନିମାପଡ଼ା, ପିପିଲି ଏବଂ ଭୁବନେଶ୍ୱରରେ ବିକ୍ରି କରୁଛନ୍ତି। ପୁଲିସ ନଜରରୁ ବର୍ତ୍ତିବା ପାଇଁ ବିପିନ୍ କଲେଜ ପିଲାଙ୍କୁ ଏଥିରେ ସାମିଲ କରି ସେମାନଙ୍କ ମାଧ୍ୟମରେ ଡ୍ରଗ୍ସ ବିକ୍ରି କରୁଥିବା ଜଣାପଡ଼ିଛି। ଅପରପକ୍ଷେ ମାଷ୍ଟରମାଇଣ୍ଡ ବିପିନକୁ ଧରିବା ପାଇଁ ଏସ୍‌ଟିଏଫ ତନାଘନା ଚଳାଇଛି। ପିପିଲି ଏବଂ ପୁରୀର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ସୂଚନା ଅନୁସାରେ, ଗତ କିଛି ବର୍ଷ ହେବ ସୁଜିତ୍ ପୁରୀର ଏକ କଲେଜରେ ପିଜି କରିବା ସହ ଡ୍ରଗ୍ସ କାରବାର କରୁଥିଲା। ସେ କେବଳ ଡେଲିଭରୀ ବଏ ଭଳି କାମ କରୁଥିଲା। ପରବର୍ତ୍ତୀ ସମୟରେ ସେ ବ୍ରାଉନ୍ ସୁଗର କାରବାର କରୁଥିବା ଜଣାପଡ଼ିଥିଲା। ଶନିବାର ବିଳମ୍ବିତ ରାତିରେ ସେ ବ୍ରାଉନସୁଗର ଧରି ନିମାପଡ଼ା ସ୍ଥିତ ଏକ ପେଟ୍ରୋଲ ପମ୍ପ ପାଖରେ ଛିଡ଼ା ହୋଇଥିବା ବେଳେ ତାକୁ ଏସ୍‌ଟିଏଫ ଟିମ୍ ମାଡ଼ି ବସିଥିଲେ।

**ମାଷ୍ଟର୍‌ମାଇଣ୍ଡକୁ ଧରିବା ପାଇଁ ଚଢ଼ଉ**

## ରାଷ୍ଟ୍ରୀୟ ଭୂମିକା ନିର୍ବାହ ଓ ଲୋକନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର, ୭ା୧ (ସମିସ): ଶନିବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ରାଷ୍ଟ୍ରୀୟ ଭୂମିକା ନିର୍ବାହ ଓ ଲୋକନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଅରୁଣା ମହାନ୍ତି ଯୋଗଦେଇ କହିଥିଲେ ଆମ ଦେଶର ମାଟି, ପାଣି, ପବନରେ ଯେଉଁ ରଙ୍ଗ ଓ ଭାବ ଅଛି ତାହା ସମଗ୍ର ବିଶ୍ୱରେ ଅନନ୍ୟ ବୋଲି କହିଥିଲେ। ଉତ୍ସବରେ ୨୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ରାଷ୍ଟ୍ରୀୟ ଲୋକନୃତ୍ୟ ପ୍ରତିଯୋଗିତାରେ କର୍ଣ୍ଣାଟକ ପ୍ରଥମ, ଉତ୍ତରପ୍ରଦେଶ ଦ୍ୱିତୀୟ ଏବଂ ଆଣ୍ଡାମାନ ଓ ନିକୋବର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି ପ୍ରତିଯୋଗିତାରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ବହୁମୁଖୀ ପ୍ରାୟୋଗିକ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ମଧ୍ୟରେ ଭୁବନେଶ୍ୱର ପ୍ରଥମ, ମହୀଶୂର ଓ ଭୋପାଳ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ହରିଶ କୁମାର ମୀନା ଧନ୍ୟବାଦ ଦେଇଥିଲେ।



# ଶିଶିର ସରସରେ ଅନିୟନ୍ତ୍ରିତ ଟ୍ରାଫିକ୍

ଭୁବନେଶ୍ୱର, ୭ା୧ (ସମିସ): ଶିଶିର ସରସ ମେଳାର ଦ୍ୱିତୀୟ ଦିନର ଅସମ୍ଭାଳ ଭିଡ଼ ଟ୍ରାଫିକ୍ ଯନ୍ତ୍ରଣା ସୀମା ଲଙ୍ଘିଛି। ମେଳା ଭିତରେ ପାର୍କିଂ ବ୍ୟବସ୍ଥା ଥିଲେ ମଧ୍ୟ ଲୋକମାନେ ଜାତୀୟ ରାଜପଥରେ ବେଆଇନ ପାର୍କିଂ କରୁଛନ୍ତି। ଫଳରେ ଘଣ୍ଟା ଘଣ୍ଟାର ରାସ୍ତା ଜାମ୍ ପରିସ୍ଥିତି ସୃଷ୍ଟି ହେଉଛି। ମେଳା ବୁଲିବାକୁ ଆସୁଥିବା ଲୋକମାନେ ଫାୟାର ଷ୍ଟେସନ ଛକ ଫ୍ଲାଏଓଭର୍ ଓ ବରମୁଣ୍ଡା ଫ୍ଲାଏଓଭର୍‌ରେ ଉପରେ ଜାତୀୟ ରାଜପଥରେ ବେଆଇନ ଭାବେ ଗାଡ଼ି ପାର୍କିଂ କରୁଥିବାରୁ ରାସ୍ତା ସଙ୍କୁଚିତ ହେଉଛି। କଟକ ପଟରୁ ବରମୁଣ୍ଡାକୁ ଆସୁଥିବା ଯାତ୍ରୀବାହୀ ବସ୍ଗୁଡ଼ିକ ଷ୍ଟାଣ୍ଡରେ ପହଞ୍ଚିବାର ଅନେକ ସମୟ ଲାଗୁଛି। ଏତିକି ନୁହଁ ଫାୟାର ଷ୍ଟେସନ ଛକରୁ ବରମୁଣ୍ଡା ଆଡ଼କୁ ଯାଇଥିବା ସର୍ଭିସ ରାସ୍ତା ମଧ୍ୟ ଅଘୋଷିତ ପାର୍କିଂ ପାଲଟିଛି। ସୂଚନା ଅନୁସାରେ, ବରମୁଣ୍ଡା ସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡିଆ ଠାରେ ଶନିବାର ଠାରୁ ଆରମ୍ଭ ହୋଇଥିବା ଶିଶିର ସରସ ମେଳା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳା ବୁଲିବାକୁ ରାଜଧାନୀ ସମେତ ସୀମାବର୍ତ୍ତୀ ଅଞ୍ଚଳର ଲୋକଙ୍କ ସୁଅ ଛୁଟୁଛି। ରବିବାର ଛୁଟି ଦିନ ଥିବାରୁ ଗତକାଲି ଅପେକ୍ଷା ଅଧିକ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ମେଳାକୁ ଆସୁଥିବା ଲୋକମାନଙ୍କ ଦୁଇ ଚକିଆ ଯାନଗୁଡ଼ିକ ରଖିବା ଲାଗି ବିଜୁ ପଟ୍ଟନାୟକ ଖେଳ ପଡ଼ିଆ ଭିତରେ ଓ ରାଜଧାନୀ କଲେଜ ସାମ୍ନାରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ସେହିପରି ଚାରିଚକିଆ ଯାନ ରଖିବା ପାଇଁ ରାଜଧାନୀ କଲେଜ ପଛ ପଡ଼ିଆରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ତେବେ ଛୋଟିଆ ସୂଚନା ଫଳକ ଯୋଗୁଁ ଲୋକମାନେ ପାର୍କିଂ କେଉଁଠି ଜାଣିପାରି ନ ଥିଲେ। ଯେଉଁଥିପାଇଁ ଏଭଳି ସମସ୍ୟା ସୃଷ୍ଟି ହେଉଛି ବୋଲି କୁହାଯାଉଛି। ଫଳରେ ଅପରାହ୍ଣ ୪ଟା ଠାରୁ ରାତି ପ୍ରାୟ ୧୦ଟା ଯାଏଁ ଲୋକମାନେ ଟ୍ରାଫିକ ଯନ୍ତ୍ରଣାରେ ଫସି ଛଟପଟ ହୋଇଥିଲେ। ସେପଟେ ବଡ଼ ସୂଚନା ଫଳକ ଲଗାଇବା ପାଇଁ ମ୍ୟାନେଜମେଣ୍ଟ ଇଭେଣ୍ଟ ସଂସ୍ଥାକୁ ଟ୍ରାଫିକ ପକ୍ଷରୁ ତାଗିଦ କରାଯାଇଛି ବିଶେଷ ସୂତ୍ରରୁ ଜଣାପଡ଼ିଛି।

**ଛୋଟ ସୂଚନାଫଳକ ଯୋଗୁଁ ରାଜପଥରେ ପାର୍କିଂ**



## 'ମନନ' ନାଟ୍ୟସଂସ୍ଥାର ଜନ୍ମବାର୍ଷିକ ମହୋତ୍ସବ

ଭୁବନେଶ୍ୱର, ୭ା୧ (ସମିସ): 'ମନନ' ନାଟ୍ୟସଂସ୍ଥାର ୪୫ତମ ଜନ୍ମବାର୍ଷିକ ମହୋତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ମହୋତ୍ସବର ୫ମ ଦିନରେ ମିରର ଥିଏଟର, ବେଲପାହାଡ଼ ପକ୍ଷରୁ ନାଟକ 'ଏପ୍ରିଲ-୨୭' ମଞ୍ଚସ୍ଥ ହୋଇଥିଲା। ନାଟକର ରଚନା ଓ ନିର୍ଦ୍ଦେଶନା ସୁବାସ ଚନ୍ଦ୍ର ପ୍ରଧାନ କରିଛନ୍ତି। ମଞ୍ଚରେ ଭଣ୍ଡାରୀ ପୋଖରୀର ବିଧାୟକ ପ୍ରଫୁଲ୍ଲ ସାମଲ, ନାଟ୍ୟ ନିର୍ଦ୍ଦେଶକ ଲାଲା ବୀରେନ ରାୟ, ନବୀନ ପରିଡ଼ା, ସାମ୍ବାଦିକ ଗୋପୀନାଥ ବାରିକ, 'ମନନ'ର ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ ଉପସ୍ଥିତ ଥିଲେ।

## ରେଟ୍ରୋଡ୍‌ର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



ଭୁବନେଶ୍ୱର, ୭ା୧ (ସମିସ): ଏସପ୍ଲାନେଡ୍ ମଲ୍‌ରେ ରବିବାର 'ରେଟ୍ରୋଡ୍'ର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି, ଷ୍ଟାର୍ଟଅପ୍ ଓଡ଼ିଶା କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡ. ଓମ୍‌କର ରାୟ, ତାଜ କ୍ରାଉନ ପରିଚାଳନା ନିର୍ଦ୍ଦେଶକ ଦେବଶିଷ ମହାନ୍ତି, ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ୍‌ର ଦୁର୍ଗା ପ୍ରସାଦ ଗୌଡ଼ ଉପସ୍ଥିତ ଥିଲେ। ଟ୍ରାଭେଲ୍ ଟେକ୍ ଲ୍ୟାଣ୍ଡସ୍କେପକୁ ପରିବର୍ତ୍ତନ କରିବା ଦିଗରେ ରେଟ୍ରୋଡ ଏକ ନୂତନ ଅଧ୍ୟାୟର ପ୍ରତୀକ ଭାବେ ଉଭା ହୋଇଛି। ରେଟ୍ରୋଡ୍ର ନୂତନ କାର୍ଯ୍ୟାଳୟ ସ୍ଥାନ କେବଳ ସମ୍ପ୍ରସାରଣ ନୁହେଁ; ପର୍ଯ୍ୟଟନ କ୍ଷେତ୍ରକୁ ଡିଜିଟାଇଜେସନ୍ କରିବାରେ ଏହାର ସାମର୍ଥ୍ୟ ବୃଦ୍ଧି କରିବାକୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ନବସୃଜନ, ସହଯୋଗ, ଏବଂ ଉତ୍କର୍ଷତା ପାଇଁ ଏକ ହବ୍ ଭାବରେ କାର୍ଯ୍ୟକରିବ ଯାହା ଭ୍ରମଣ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଉତ୍କୃଷ୍ଟ ସେବା ପ୍ରଦାନ କରିବ।

**ନିଶା ମାଫିଆଙ୍କୁ ଗିରଫ ଛାଟ**

# ୧୩୩ ମାମଲାରେ ୨୯୩ ଗିରଫ

ଭୁବନେଶ୍ୱର,୭ା୧(ସମିସ): ଆଗେଇଛି ନିଶାମୁକ୍ତ ଓଡ଼ିଶା ଗଠନ ପୁଲିସର ଲକ୍ଷ୍ୟ। ନିଶା କାରବାର ରୋକିବା କ୍ଷେତ୍ରରେ ବ୍ୟାପକ ହେଉଛି ଧରପଗଡ଼ ପ୍ରକ୍ରିୟା। ଭୁବନେଶ୍ୱର ସହରାଞ୍ଚଳରେ ନିଶା ବେପାରୀଙ୍କ କ୍ଷେତ୍ରରେ ଶୂନସହନଶୀଳତା ନୀତି ଆପଣାଇଛି ପୁଲିସ। ଗତବର୍ଷ ୧୩୩ଟି ମାମଲାରେ ୨୯୩ଜଣଙ୍କୁ ଗିରଫ କରିଛି କମିସନରଟ ପୁଲିସ। ଏହି ଗିରଫଦାରୀ ୨୦୨୨ ତୁଳନାରେ ବଢ଼ିଥିଲେ ବି ଢେର୍ କମ୍ ପରିମାଣର ବ୍ରାଉନ୍‌ସୁଗର୍ ଜବତ ହୋଇଛି। ବ୍ରାଉନ୍‌ସୁଗର ନେଟ୍‌ୱର୍କ ବଢ଼ିଥିଲେ ବି ଧିମା ତଦନ୍ତରୁ ନିଶା ଜବତ ହାର କମିଥିବା କୁହାଯାଉଛି।

**କମିଲା ନିଶାଦ୍ରବ୍ୟ ଜବତ; ବଢ଼ିଲା ଗିରଫଦାରୀ**

ଗଲାବର୍ଷ ୬୩ଟି ବ୍ରାଉନ୍‌ସୁଗର କାରବାରଜନିତ ମାମଲାରେ ୧୨୬ ଜଣ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୧ କିଲୋ ୨୨ ଗ୍ରାମ ବ୍ରାଉନ୍‌ସୁଗର, ନଗଦ ୧ ଲକ୍ଷ ୭୨ ହଜାର ୨୩୫ ଟଙ୍କା, ୪୬ଟି ମୋବାଇଲ ଫୋନ, ଗୋଟିଏ କାର୍ ଓ ଅଟୋ ଏବଂ ୨୫ଟି ବାଇକ୍ ଜବତ ହୋଇଛି। ସେହିପରି ୭୦ଟି ଗଞ୍ଜେଇ ବିକ୍ରି ମାମଲାରେ ୧୬୭ ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୧୯ କ୍ୱିଣ୍ଟାଲ ଗଞ୍ଜେଇ, ନଗଦ ୯ଲକ୍ଷ ୯୦ହଜାର ୧୮୯ ଟଙ୍କା, ୬୯ଟି ମୋବାଇଲ ଫୋନ, ୪୦ଟି ଗାଡ଼ି ଜବତ ହୋଇଛି। ଏହାବାଦ୍ ନିଶା କାରବାର ମାମଲାରେ ଚଳିତବର୍ଷ ୧୦ ଜଣଙ୍କୁ ଗିରଫ କରାଯାଇଛି। ନିଶା ବେପାରୀଙ୍କ ଠାରୁ ୬୧.୭୭ ଗ୍ରାମ୍‌ର ବ୍ରାଉନ୍‌ସୁଗର, ୩୭ କିଲୋ ଗଞ୍ଜେଇ, ୮ଟି ମୋବାଇଲ ଫୋନ, ୨ଟି ବାଇକ ଓ ଗୋଟିଏ ଅଟୋ ଜବତ ହୋଇଛି।

**ନିଶା ଜବତରେ ଆଗରେ ଏସ୍‌ଟିଏଫ୍**

ବ୍ରାଉନ୍‌ସୁଗର ଓ ଗଞ୍ଜେଇ ଜବତରେ ଆଗରେ ରହିଛି ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)। ୨୦୨୨ ଅପେକ୍ଷା ୨୦୨୩ରେ ନିଶାଦ୍ରବ୍ୟ ଜବତ ଓ ନିଶା ବେପାରୀଙ୍କ ଗିରଫଦାରୀ ସଂଖ୍ୟା ହ୍ରାସ ହୋଇଛି। ତଥାପି ଗଲାବର୍ଷ ୮ କିଲୋ ବ୍ରାଉନ୍‌ସୁଗର, ୪୫୬କିଲୋ ଗଞ୍ଜେଇ, ୨କିଲୋ ୮୮୦ ଗ୍ରାମ୍ ଅଫିମ ଜବତ କରାଯାଇଛି। ସେପରି ନିଶାଦ୍ରବ୍ୟ ପୋଡ଼ି ନଷ୍ଟ ପ୍ରକ୍ରିୟା ଜାରିରହିଛି। ଗତବର୍ଷ ଏସ୍‌ଟିଏଫ୍ ୩୯ କିଲୋ ବ୍ରାଉନ୍‌ସୁଗର, ୮୦ କ୍ୱିଣ୍ଟାଲ ଗଞ୍ଜେଇ ପୋଡ଼ି ନଷ୍ଟ କରିଛି। ସୁନ୍ଦରଗଡ଼ର ବଣ୍ଡମା, ଖୋର୍ଦ୍ଧାର ଡାଙ୍ଗିରିପଡ଼ା, ଗଞ୍ଜାମର ଶେରଗଡ଼, ଅନୁଗୋଳର ଦାମନଯୋଡ଼ିରେ ଇନ୍‌ସିନାରେଟର୍ସ ମେସିନ୍‌ରେ ନିଶାଦ୍ରବ୍ୟକୁ ପକାଇ ନଷ୍ଟ କରାଯାଉଛି।

**କଠୋର ଦଫାରେ ବେପାରୀ ଗିରଫ**



ସେବନକାରୀଙ୍କ ସଂଖ୍ୟା ବଢ଼ିବା ପଛରେ ବ୍ରାଉନ୍‌ସୁଗର କାରବାର। ବ୍ରାଉନସୁଗର ୧୦ ଗ୍ରାମ୍ ପିଛା ୩୭ହଜାର ଟଙ୍କା କିଣି ଲକ୍ଷେ ଟଙ୍କାରେ ବିକ୍ରି କରାଯାଉଛି। ତେଣୁ ନିଶା କାରବାର କରୁଥିବା ବେପାରୀଙ୍କ ପ୍ରତି କଠୋର ହୋଇଛି ପୁଲିସ। ନିଶା କାରବାରକୁ ବ୍ୟବସାୟିକ, ମଧ୍ୟମ ଓ ସ୍ୱଳ୍ପ ଭଳି ୩ଟି ଶ୍ରେଣୀର ମାନଦଣ୍ଡ ରହିଛି। ୨୫୦ଗ୍ରାମ୍‌ରୁ ଅଧିକ ବ୍ରାଉନ୍‌ସୁଗର ଧରାପଡ଼ିଲେ ୧୦ରୁ ୨୦ ବର୍ଷ, ୫ରୁ ୨୫୦ ଗ୍ରାମ୍‌ର ଧରାପଡ଼ିଲେ ୧୦ ବର୍ଷ ଓ ସ୍ୱଳ୍ପଧରଣ ବା ୫ ଗ୍ରାମ୍‌ରୁ କମ୍ ବିକ୍ରି କିମ୍ବା ସେବନ କରୁଥିବା ଧରାପଡ଼ିଲେ ବର୍ଷେ ପର୍ଯ୍ୟନ୍ତ ଜେଲଦଣ୍ଡ ସହ ଜରିମାନା ବ୍ୟବସ୍ଥା ରହିଛି। ସେଭଳି ନିଶାମାଫିଆ ଧରାପଡ଼ିଲେ, ପୂର୍ବ ୬ବର୍ଷର କମାଇଥିବା କଳାଧନର ହିସାବ କରାଯାଇ ସମ୍ପତ୍ତିକୁ ବାଜ୍ୟାପ୍ତି କରାଯାଉଛି।

